ମୂଲ୍ୟ:₹ ୧/-

ଧରିତ୍ରୀ
DHARITRI

# ସାହିତ୍ୟାୟନ

ମେ ୨୯-ଜୁନ୍ ୧୧, ୨୦୧୯

**ସ୍ମରଣୀୟ** : ନନ୍ଦିନୀ ଶତପଥୀ

**ସୃଜନ ଆଳାପ** : ସୁବୋଧ ସରକାର


**ପହିଲି ପୁଲକ** : ଚିନ୍ମୟୀ ପଣ୍ଡା

**ପ୍ରଥମ ବହି** : ପରଂବ୍ରହ୍ମ ତ୍ରିପାଠୀ



# କୁନା ତ୍ରିପାଠୀର ରଫ୍‌ଖାତା

ଲେଖାଟି ପଢ଼ି ସାରିଲା ପରେ ଆପଣ ମତେ ଅହଂକାରୀ କହିପାରନ୍ତି କିମ୍ବା ଆଉ କିଛି ବି ନାଁ ଦେଇପାରନ୍ତି। ଲେଖାଲେଖି ଆରମ୍ଭ ଦିନରୁ କେଜାଣି କାହିଁକି ଗୋଟିଏ ଲେଖାଁ କୌଣସି ସମ୍ଭ୍ରାନ୍ତ ଖବରକାଗଜ କିମ୍ବା ପତ୍ରିକାରେ ପ୍ରକାଶିତ ନ ହେବା ଯାଏଁ ମୁଁ ଆଉ ଗୋଟେ ଲେଖା ଲେଖିପାରେନି। ସେ ପ୍ରକ୍ରିୟା ଆଜିଯାଏଁ ବି ଚାଲୁ ରହିଛି। ସଚେତନ ଭାବେ ୨୦୦୧ରୁ ଲେଖାଲେଖି ଆରମ୍ଭ କରିବା ଦିନଠାରୁ ୨୦୦୬ ଯାଏଁ ମୁଁ କବିତା ହିଁ ଲେଖୁଥିଲି ଓ ଗାଏମୋଟ ୮୨ଟି କବିତା ଲେଖିଛି। ତା' ଭିତରୁ ପ୍ରଥମ ୬୫ଟି ଧରିତ୍ରୀ ଓ ସମାଜ ଭଳି ଆଗଧାଡ଼ିର ଖବରକାଗଜ ଓ ଅନ୍ୟାନ୍ୟ ପତ୍ରପତ୍ରିକାରେ ନିୟମିତ ପ୍ରକାଶ ପାଇଛି। ହେଲେ, ବାହାରି ନ ଥିଲା ଶେଷ ୧୭ଟି।




ପ୍ରକାଶଯୋଗ୍ୟ ଥିଲା କି ନ ଥିଲା, ତାହା ବୁଝିବାର ବୟସ କି ମାନସିକତା ସେତେବେଳେ ଆସି ନ ଥିଲା, ଆଉ ଅପ୍ରକାଶିତ ରହିବାର ଦୁଃଖ କେଉଁଠି ନା କେଉଁଠି କୋରି ଚାଲୁଥିଲା ମୋ' ସ୍ୱାଭିମାନକୁ ଭିତରୁ ଭିତରୁ। ନିଜ ଅବୁଝା ମନକୁ ସାନ୍ତ୍ୱନା ଦେବା ପାଇଁ ମୁଁ ଅନେକ ଥର ମନକୁ ମନ କୁହେ ତୁମେ ଛାପିଲନି ତ ? ବହି ହେବ ସେଇଟା, ସେଇଟା ହିଁ ହେବ ମୋ' ପ୍ରଥମ ବହି। ଢେଙ୍କାନାଳରୁ ସାମ୍ବାଦିକତା ପଢ଼ା ସରିଲା ପରେ କର୍ମସଂସ୍ଥାନ ପାଇଁ ଦିଲ୍ଲୀ ଆସିଲି ୨୦୦୬ରେ। ଅରକୁଟରେ ବନ୍ଧୁତା ହୁଏ ପ୍ରକାଶକ ତଥା ଲେଖକ ଶୁଭ୍ରାଂଶୁ ପଣ୍ଡାଙ୍କ ସହ। ସିଏ ହିଁ ପ୍ରସ୍ତାବ ଦେଲେ ବହିଟେ କରିବା ମ ! ୨୦୦୮ରେ ଓଡ଼ିଶା ଆସିଥାଏ, ''କେଇ ଧାଡ଼ି ଜୀବନ'' ନାଁରେ ସେହି ୧୭ଟି ଅପ୍ରକାଶିତ କବିତାର ପାଣ୍ଡୁଲିପି ତାଙ୍କୁ ଦେଇ ଦେଇଗଲି। ୨୦୦୮ରୁ ୨୦୧୩ ଯୋଗାଯୋଗର ଅଭାବ, ମୋ' ବ୍ୟକ୍ତିଗତ ଓ ପେସାଗତ ଜୀବନର ଉତ୍ଥାନପତନ। ପାଣ୍ଡୁଲିପି ସେମିତି ହିଁ ଥାଏ। ମୁଁ ବି ପେସାଦାର ଜୀବନ ପାଇଁ ଯେତିକି ଆବଶ୍ୟକ, ତା' ବାହାରେ ଲେଖାଲେଖି ସମ୍ପୂର୍ଣ୍ଣ ବନ୍ଦ କରିଦେଇଥାଏ।

କଥା ୨୦୧୪ ଜୁଲାଇ ମାସର। ହଠାତ୍ ଦିନେ ଶୁଭ୍ରାଂଶୁ ଫୋନ୍ କଲେ। କହିଲେ–ବନ୍ଧୁ! ବହି ବାହାର କରିବା ତୁମ ଜନ୍ମଦିନରେ। ମୁଁ ଟିକେ ଅପ୍ରସ୍ତୁତ ହେଲି। କହିଲି ନାଇଁମ, ଭୁଲିଗଲିଣି ବହି କଥା। ହେଲେ, ସିଏ ଜୋର୍‌ଦେଇ କହିଲେ– ନାଇଁ, ବାହାରିବ ଆଉ ତୁମ ଜନ୍ମଦିନ ଅଗଷ୍ଟ ୧୧ରେ। ଏଇଟା ହିଁ ହେବ ମୋ' ତରଫରୁ ଭେଟି। ତା' ପରେ ସିଏ ପଚାରିଲେ– ବହିର ନାଁ ସେଇଆ ରଖିବା ? ସେତେବେଳକୁ ତାଙ୍କର ଗୋଟିଏ କବିତା ''କୁନା ତ୍ରିପାଠୀର ରଫ୍‌ଖାତା'' ପ୍ରକାଶିତ ହୋଇ ସାରିଥାଏ। ମୋ' ଡାକ ନାଁ କୁନା ଓ କବିତାଟି ସହ ମୋର ନବେଭାଗ ସାମଞ୍ଜସ୍ୟ ବି ଥାଏ। ମୋ' ପାଟିରୁ ବାହାରିଗଲା– ନାଇଁ, ବଦଳେଇଦେବା। ବହିର ନାଁ ରହିବ ''କୁନା ତ୍ରିପାଠୀର ରଫ୍‌ଖାତା''। ୨୦୧୪ ଅଗଷ୍ଟ ୧୧ ତାରିଖ। ମୁଁ ଓ ବନ୍ଧୁ ଉମାକାନ୍ତ ମହାନ୍ତି ପହଞ୍ଚିଲୁ ଶୁଭ୍ରାଂଶୁଙ୍କ ବରମୁଣ୍ଡା ଘରେ। କିଛି ସମୟ ପରେ ଆସିଲେ ବନ୍ଧୁ ଓ କବି ସୁବ୍ରତ ଜେନା। ଆଉ ଖୋଲାଗଲା ଶୁଭ୍ରାଂଶୁଙ୍କ ତରଫରୁ ମୋ' ଜନ୍ମଦିନ ଭେଟି। ବହିଟିକୁ ଚାହିଁରହିଲି ପାଞ୍ଚରୁ ସାତ ମିନିଟ୍। କେଜାଣି କାହିଁକି ଆଖି ଓଦା ହେଇଗଲା। ପ୍ରଥମ କପିକୁ ବନ୍ଧୁ ସୁବ୍ରତ ପଞ୍ଚାବନ ଟଙ୍କା ଦେଇ ପ୍ରକାଶକ ଶୁଭ୍ରାଂଶୁଙ୍କଠାରୁ କିଣିଲେ।





ପ୍ରଥମ ଓ ଏକମାତ୍ର କବିତା ବହି ବାହାରିଲା ପରେ ମୁଁ କିଛିଟା ପରୀକ୍ଷଣ ମଧ୍ୟ କରିଥିଲି। ''ସେଲ୍ଫି ଉଇଥ୍ ରଫ୍‌ଖାତା'' ଫେସ୍‌ବୁକ ଅଭିଯାନ ମାଧ୍ୟମରେ ଶତାଧିକ ପାଠିକାପାଠକ ବହି ସହ ନିଜ ଫଟୋ ଫେସ୍‌ବୁକ୍‌ରେ ଅପ୍‌ଲୋଡ୍ କରିଥିଲେ। ଇ- କମର୍ସ ୱେବ୍‌ସାଇଟ୍ ଓଡିକାର୍ଟ ମାଧ୍ୟମରେ ଆମେ ଅନେକ ପ୍ରବାସୀ ଓଡ଼ିଆଙ୍କ ପାଖରେ ପହଞ୍ଚିଥିଲୁ।


ପରଂବ୍ରହ୍ମ ତ୍ରିପାଠୀ

୨୦୧୪ରେ ବହିର ଦାମ୍ ଥିଲା ୫୫ ଟଙ୍କା ଓ ଶିପିଂ ଚାର୍ଜ ୧୨୫ ଟଙ୍କା। ମାନେ ବହି ମଗେଇଲେ ବହିର ଦାମ ୧୮୦ ଟଙ୍କା। ତଥାପି ବି ଯେତିକି ସଂଖ୍ୟକ ବହି ସେ ସମୟରେ ଏଠି ବିକ୍ରି ହୋଇଥିଲା, ତାହା ଆଜିଯାଏ ଓଡିକାର୍ଟରେ ବିକ୍ରି ହୋଇଥିବା ଓଡ଼ିଆ ବହି ଭିତରେ ଗୋଟେ ରେକର୍ଡ। ପରେ ପ୍ରକାଶକ ଏହାକୁ ଆମ୍‌ଜାନ୍‌ରେ ମଧ୍ୟ ଉପଲବ୍ଧ କରାଇଛନ୍ତି।

ଆଜି ବି ଫେସ୍‌ବୁକ୍‌ର ''ସେଲ୍ଫି ଉଇଥ୍ ରଫ୍‌ଖାତା''ର ଫଟୋ ସବୁ ମତେ ନଷ୍ଟାଲ୍‌ଜିକ୍ କରିଦିଏ। ଏହା ମୋର ପ୍ରଥମ ଓ ଶେଷ କବିତା ବହି। ମୁଁ କବିତା ଲେଖିନି ତା' ପରେ। ବହି ସହ ଜଡ଼ିତ ସବୁଠାରୁ ଭାବପ୍ରବଣ କଥାଟି ହେଲା ନନା (ବାପା)ଙ୍କର। ୨୦୧୪ ଅଗଷ୍ଟ ୧୨ ତାରିଖ ଦିନ ଯେତେବେଳେ ମୁଁ ତାଙ୍କ ହାତରେ ବହିଟି ଦେଲି, ସିଏ ବାଷ୍ପାକୁଳ କଣ୍ଠରେ କହିଥିଲେ–''ମୁଁ ଶିକ୍ଷକ ଭାବେ ରାଜ୍ୟପାଳ ପୁରସ୍କାର ପାଇଲା ବେଳକୁ ମୋ' ନନା ବଞ୍ଚି ନ ଥିଲେ। ବଞ୍ଚିଥିଲେ ହୁଏତ ସେ ସବୁଠାରୁ ଅଧିକ ଖୁସି ହୋଇଥା'ନ୍ତେ। ଯାହାହେଉ ମୁଁ ବଞ୍ଚି ଥାଉଥାଉ ତୋ' ପ୍ରଥମ ବହି ଦେଖିପାରିଲି।''




# 'ସାହିତ୍ୟାୟନ'ରେ ପ୍ରକାଶିତ ଲେଖା 'ସାହିତ୍ୟାୟନ'କୁ ଅମର କରି ରଖିବ

ମହାଶୟ,

* ଏପ୍ରିଲ ୩ରୁ ୧୬ ଧରିତ୍ରୀ 'ସାହିତ୍ୟାୟନ' ପାଠ କଲି। ସବୁଥର ପାଠ କରୁଛି। ମତାମତ ବି ଦେଉଛି। ଲେଖାସବୁ ପଢ଼ି ମତାମତ ଦେବା ଭାରି କଷ୍ଟ। ଲେଖା ବାହାରିଲେ ଯେତେ ଆନନ୍ଦ ନୁହେଁ, ସବୁ ଲେଖା ପଢ଼ି ମତାମତ ଦେବା ପରେ ପ୍ରକାଶ ପାଇଲେ ଅଧିକ ଆନନ୍ଦ ଲାଗେ। ପ୍ରାରମ୍ଭରେ ପୁସ୍ତକ ରଚୟିତା ଲେଖକମାନଙ୍କୁ ମୋର ଗଭୀର ଶୁଭେଚ୍ଛା। ଭାଷା ସୁରକ୍ଷା ସ୍ୱାଭିମାନର ଏମାନେ ଗୋଟିଏ ଗୋଟିଏ ଜାଗ୍ରତ ପ୍ରହରୀ। ଅତୀତରେ ବାଂଲା କବି ଶଙ୍ଖ ଘୋଷଙ୍କ ସାରସ୍ୱତ ଜୀବନୀ ଉପରେ ବାହାରିଥିଲା। ପୁଣି ଥରେ ପ୍ରକାଶ ପାଇଲା। ଶଙ୍ଖ ଘୋଷ ଜଣେ ସଫଳ ସାରସ୍ୱତ ସାଧକ। ''କଳ୍ପନାର ହିଷ୍ଟ୍ରିୟା'' ଭାବେ ତାଙ୍କର ଏକ ବହିର ନାମକରଣ ମନରେ ଆନନ୍ଦ ଦେଲାନି। 'ଭିକାରି' ଗପ ସମସ୍ତଙ୍କ ପାଇଁ ଶିକ୍ଷଣୀୟ। ସଂଗ୍ରାମ କରି ବଞ୍ଚ, ଭିକ୍ଷା କରି ବଞ୍ଚିବାକୁ ଚେଷ୍ଟା କରନା– ଏହା ଏହି ଗଳ୍ପର ମର୍ମ। 'ନିଦ ଔଷଧ' ନିଶ୍ଚିତ ଭାବରେ ଏକ ରୋମାଣ୍ଟିକ ଗଳ୍ପ। ମଣିଷମାନଙ୍କର ଚରିତ୍ର, ରୁଚି ଓ ଅଭିରୁଚି ଏଥିରେ ବର୍ଣ୍ଣିତ। ପଢ଼ିବାକୁ ଆନନ୍ଦ ଲାଗିଲା। ଭାରତୀୟଙ୍କ ଶକ୍ତି ଓ ସାହସ ଉପରେ ଏଥିରେ ବର୍ଣ୍ଣନା କରାଯାଇଛି। ଗାଳ୍ପିକ ସୁନ୍ଦର ଶୈଳୀରେ ଗପଟି ଲେଖିଥିବାରୁ ଅଶେଷ ଧନ୍ୟବାଦ। ସାଗରିକା ପଟ୍ଟନାୟକଙ୍କ ଗପ 'ବାପା ଚାଲିଗଲେ' ଅତ୍ୟନ୍ତ ବିୟୋଗାନ୍ତକ। ସେ ଏହାକୁ ବଡ଼ କାରୁଣ୍ୟଭରା ଭାଷାରେ ଲେଖିଛନ୍ତି। ଗଳ୍ପଟି ସର୍ବଜନ ବୋଧଗମ୍ୟ। ଏଥରର କବିତାଗୁଡ଼ିକ ନିଶ୍ଚିତ ଭାବରେ ପ୍ରାଣବନ୍ତ ଓ ରସବନ୍ତ। ମୀନାକ୍ଷୀ ଦେବୀଙ୍କର ଗପ 'ମଞ୍ଚ' ନିଶ୍ଚିତ ଭାବରେ ଏକ ସଚେତନାରେ ଭରା ଶିକ୍ଷଣୀୟ, ବ୍ୟଙ୍ଗଧର୍ମୀ। ଏଥର 'ସାହିତ୍ୟାୟନ'ରେ ପ୍ରକାଶିତ ସମସ୍ତ ଲେଖା 'ସାହିତ୍ୟାୟନ'କୁ ଅମର କରି ରଖିବ। ପ୍ରତିଥର ଏପରି ଭଲ ଲେଖା ବାହାରୁ। 'ସାହିତ୍ୟାୟନ' ଅଧିକରୁ ଅଧିକ ପ୍ରଶଂସିତ ହେଉ।

– ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର,
ସତ୍ୟବାଦୀ, ପୁରୀ

* ଏପ୍ରିଲ ୧୭ ସଂଖ୍ୟାର ପତ୍ରଝଡ଼ା ବୃକ୍ଷ, ଏରାପକ୍ଷୀ, ପ୍ରତିଫଳିତ ସୂର୍ଯ୍ୟ, ମର୍କଟ–ବିଡାଳ ବନ୍ଧୁତ୍ୱ ପ୍ରଚ୍ଛଦ ପୃଷ୍ଠାକୁ ଚଳଚଞ୍ଚଳ କରିଛି। କବିତା, ଅନୁବାଦ ଗଳ୍ପ 'ଏକ ଗୁଚ୍ଛ ଭୋଟଗପ'ରେ ଅନ୍ତର୍ନିହିତ ବାର୍ତ୍ତା ଯୁଗୋପଯୋଗୀ। 'ଏକ ଗୁଚ୍ଛ ଭୋଟଗପ'ରୁ ''ଦେଖୋ ଦେଖୋ ଦେଖୋ ଦିଲ୍ଲୀକା କୁତୁବ ମୀନାର ଦେଖୋ, ପୈସା ଫେକୋ ତମ୍ଶାସା ଦେଖୋ, ଘର ବୈଠେ ସାରା ସଂସାର ଦେଖୋ'ର ସୂଚନା ମିଳେ। ଓସ୍କାର ୱାଇଲ୍‌ଡ ଓ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କୁ ନେଇ ପ୍ରସ୍ତୁତ 'ଅବଲୋକନ'ରୁ ଆମେ 'କ୍ୟା ମାର ସକେଗା ମୌତ ଉସେ ୱାରୋଁକୋ ଲିୟେ ଯୋ ମରତା ହୈ' ପରି ହିତବାଣୀ ଶୁଭେ। 'ଝରା ଫୁଲର ବାସ୍ନା' ଶୁଣାଏ 'ଜାନେ ଚଲି ଯାତି ହେ କହାଁ ଦୁନିୟାଁ ସେ ଜାନେୱାଲେ– ଜାନେ ଚିଲି ଯାତେ ହୈ କହା ?' ପ୍ରଥମ ଲେଖାର ଆନନ୍ଦ ଥରେ ଆସେ, ହେଲେ ସରେ ନାହିଁ। ପହିଲି ପୁଲକ 'ସଞ୍ଚିଲେ ବଞ୍ଚିବ'ରୁ ଆମେ 'ତୁହ୍ମେ ପାକେ ହମନେ ଜହାଁ ପାଲିୟା ହୈ ଜମି ତୋ ଜମି ଆସମା ପାଲିୟା ହୈ'। ଗୀତଟି ଗୁଣଗୁଣେଇ ପାରିବା। ଶେଷରେ ପ୍ରଥମ ବହି 'ଅମୃତ ପଥେ' ସକାଶେ 'ସୁନଲେ ବାବୁୟେ ପୈଗାମ ମେରା ଚିଠି ତେରେ ନାମ, ଚିଠିଯେ ସବ୍‌ସେ ପହେଲେ ଲିଖ୍‌ତା ତୁଝକୋ ରାମ ରାମ'। ପୁସ୍ତକ ପରିଚୟ ପୂର୍ବ ଭଳି ମନଛୁଆଁ।

– ପ୍ରତାପ ଚନ୍ଦ୍ର ପାଢ଼ୀ (ଶିକ୍ଷକ),
ହେମଲତା ପବ୍ଲିକ୍ ସ୍କୁଲ, ଗୋବିନ୍ଦନଗର, ଗୋଳନ୍ଥରା

* ୩–୧୬ ଏପ୍ରିଲ ସଂଖ୍ୟା 'ସାହିତ୍ୟାୟନ'ର ସୃଜନ–ଆଳାପରେ ସ୍ଥାନିତ ସ୍ୱନାମଧନ୍ୟ ବଂଗଳା କବି ଶଙ୍ଖ ଘୋଷଙ୍କ ମତାମତ ଏକାନ୍ତ ପ୍ରଣିଧାନଯୋଗ୍ୟ। ଅନୂଦିତ ଗଳ୍ପ 'ଭିକାରି' ଖୁବ୍ ସୁନ୍ଦର ହୋଇଛି। ଗଳ୍ପ 'ମଞ୍ଚ' ଓ ମିନି ଗଳ୍ପ ଭଲ ଲାଗିଲା। ଆସନ୍ତା ସଂଖ୍ୟାମାନଙ୍କରେ 'ଅଣୁଗଳ୍ପ' ପ୍ରକାଶ କରିବା ନିମନ୍ତେ ନିବେଦନ।

– ଅରୁଣ କୁମାର ନାୟକ,
ମାନସ କୁମାର ଯେନା
ଏରେଇଁ, ଚରମ୍ପା, ଭଦ୍ରକ–୧

* ଏଥର 'ସାହିତ୍ୟାୟନ' (ମେ ୧–୧୪)ର ପ୍ରଚ୍ଛଦ ପରିପାଟୀ ଭାବଗର୍ଭକ, କିନ୍ତୁ ଏଥରର ସ୍ମରଣୀୟ ଗଳ୍ପ 'ଅସୁର' ଖାସ୍ ଲାଗିଲା ନାହିଁ। କ୍ଷୁଦ୍ର ଗଳ୍ପ 'ସିନ୍ଦୂରା ଫାଟିବାର ବେଳ' ଓ 'ନିମନ୍ତ୍ରଣ' ସାନ୍ତ୍ୱନାମୂଳକ। ବ୍ୟଙ୍ଗ ଗଳ୍ପ 'ପୁଅ' ଭଲ ଲାଗିଲା। କବିତା ବାଟିକାରେ ନୂତନ ସ୍ୱାଦର କବିତା ଭରପୂର। ମଣିରାମ ବାବୁଙ୍କ ଅନେକ ଗଳ୍ପ ପଢ଼ିଥିଲି, କିନ୍ତୁ 'ପହିଲି ପୁଲକ'ରେ ତାଙ୍କ ମୁହଁରୁ ଅଙ୍ଗେନିଭା କାହାଣୀ ପୁଣି ଭଲ ଲାଗିଲା। ବହି 'ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥ', 'ପ୍ରବନ୍ଧ ସାଗରରେ ଭିନ୍ନ ଢେଉ', 'ଆଇନର ବାଟ ଓ ନିର୍ବାଚନ'ର ପରିଚିତି ଚିନ୍ତାଗର୍ଭୀ।

– ସୁସ୍ମିତା ପୁରୋହିତ,
ସଦେଇପାଲି ନୂଆ କଲୋନୀ, ବୁର୍ଲା, ସମ୍ବଲପୁର

ସାହିତ୍ୟାୟନ

**ଲେଖା ପଠାଇବାର ଠିକଣା**

**ସମ୍ପାଦକ ଧରିତ୍ରୀ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦**
email: dharitrisahityayana@gmail.com

**ସାହିତ୍ୟାୟନ ପ୍ରତି ୧୫ ଦିନରେ ଥରେ ପ୍ରକାଶ ପାଏ। ମୌଳିକ ଗଳ୍ପ, କବିତା, ଅନୁବାଦ ଗଳ୍ପ, ବ୍ୟଙ୍ଗ ଓ ଲଳିତ ନିବନ୍ଧକୁ ପ୍ରାଧାନ୍ୟ ଦିଆଯାଏ। ପ୍ରଥମ ପ୍ରକାଶିତ ପୁସ୍ତକ/ଲେଖାକୁ ନେଇ ବିଶେଷ ଅନୁଭୂତି, ଭାରତୀୟ ଓ ବିଶ୍ୱ ସାହିତ୍ୟ ଉପରେ ଆଧାରିତ ଲେଖା ସ୍ଥାନିତ ହୁଏ। ଆଗ୍ରହୀ ଲେଖିକା/ଲେଖକ ନିମ୍ନ ଠିକଣାରେ ଲେଖା ପଠାଇପାରିବେ। ଜେରକ୍ସ କପି ଗ୍ରହଣୀୟ ନୁହେଁ। ପୂରା ଠିକଣା ଓ ମୋବାଇଲ ନମ୍ବର ଦେବାକୁ ଅନୁରୋଧ।**

Printed and published by Tathagata Satpathy on behalf of Samajbadi Society and printed at Navajat Printers, B-15, Industrial Estate, Rasulgarh, Bhubaneswar-10 ସମ୍ପାଦକ: ତଥାଗତ ସତପଥୀ

# ସ୍ଲୋଗାନ୍‌ରେ ନୁହେଁ, କିନ୍ତୁ ରାଜନୈତିକ କବିତାରେ ବିଶ୍ୱାସ କରେ...

–ସୁବୋଧ ସରକାର

ସୁବୋଧ ସରକାର ବଂଗ-ଭାରତୀୟ କବିତାର ଅନ୍ୟତମ ଉଲ୍ଲେଖନୀୟ କବି। ଏଯାବତ୍ ମୋଟ ୩୨ଟି କବିତାଗ୍ରନ୍ଥର ଏଇ ସ୍ରଷ୍ଟା 'କାଲ୍ଲୁ' ଓ 'ଶାଡ଼ୀ' ଶୀର୍ଷକ କବିତା ପାଇଁ ବଂଗୀୟ ପାଠିକାପାଠକଙ୍କ ନିକଟରେ ନିଜର ଏକ ବିଶେଷ ପରିଚୟ ତିଆରି କରିପାରିଛନ୍ତି। ୧୯୯୧ରୁ ତ୍ରୟମାସିକ 'ଭାଷା ନଗର' ପତ୍ରିକାର ସେ ସ୍ଥାୟୀ ସମ୍ପାଦକ। 'ବାଂଲା କବିତା ଏକାଡେମୀ'ର ସଭାପତି ପଦବୀ ସହିତ ସମ୍ପ୍ରତି ସେ 'କେନ୍ଦ୍ର ସାହିତ୍ୟ ଏକାଡେମୀ', 'ବଂଗଳା ଭାଷା ଉପଦେଷ୍ଟା ମଣ୍ଡଳୀ'ର ଆବାହକ। ଏକାଡେମୀ ପ୍ରକାଶିତ 'Indian Literature'ର ସେ ପ୍ରାକ୍ତନ ସମ୍ପାଦକ। ଗତ ମାର୍ଚ୍ଚ ୬ ତାରିଖରେ 'ବାଂଲା କବିତା ଏକାଡେମୀ' କାର୍ଯ୍ୟାଳୟରେ ତାଙ୍କଠାରୁ ଏଇ ସାକ୍ଷାତ୍‌କାରଟି ଗୃହୀତ।

**ପ୍ର: ଆପଣଙ୍କର ଅନେକ ଚର୍ଚ୍ଚିତ କବିତାର ପ୍ରସଙ୍ଗ ରାଜନୈତିକ, ଏହା ଘଟଣା-କ୍ରମିକ ନା ଇଚ୍ଛାକୃତ?**

**ଉ:** ପ୍ରଥମରୁ ମୁଁ ନୈତିକ କବିତା ଲେଖିଛି। ତେବେ ଆପଣଙ୍କ ପ୍ରଶ୍ନ ମୋ' କବିତାର ରାଜନୈତିକ ପ୍ରସଙ୍ଗକୁ ନେଇ। ମୁଁ ସ୍ଲୋଗାନ୍‌ରେ ବିଶ୍ୱାସ କରେ ନାହିଁ, କିନ୍ତୁ ରାଜନୈତିକ କବିତାରେ ବିଶ୍ୱାସ କରେ। ନାଜିମ୍ ହିକ୍‌ମତ୍, ପାବ୍ଲୋ ନେରୁଦା, ସୁଭାଷ ମୁଖୋପାଧ୍ୟାୟଙ୍କ କବିତାର ଧରଣ ଯେପରି ସେହିପରି ଏହାର ଧରଣ। ନରମ ଗଳାରେ କଥା କହି ସୁଭାଷ ମୁଖୋପାଧ୍ୟାୟ ବୁଝେଇ ଦେଲେ କିପରି ରାଜନୈତିକ କବିତା ଲେଖାଯାଏ। ପ୍ରେମ କବିତା ବି ରାଜନୈତିକ ହୋଇପାରେ। ମୋର 'କାଲ୍ଲୁ' କବିତା କ'ଣ ଖାଲି ରାଜନୈତିକ! ଏଥିରେ ବାପ-ଝିଅର ଭଲ ପାଇବା ରହିଛି।

**ପ୍ର: ଆପଣଙ୍କ 'ଶାଡ଼ୀ' (ଶାଢ଼ି) କବିତା ଏଇ ଢାଞ୍ଚାର ଅନ୍ୟ ଏକ କବିତା, ଯାହା ବିଷୟବସ୍ତୁ ଓ ଉପସ୍ଥାପନା-ଉଭୟରେ ଖୁବ୍ ଶକ୍ତିଶାଳୀ। ଏ କବିତାର ଉତ୍ସଟି କ'ଣ?**

**ଉ:** ଜ୍ୟୋତି ବସୁ ସେତେବେଳେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଥା'ନ୍ତି। ଅନ୍ଧାରୁଆ ରାସ୍ତାରେ ଝିଅଟିଏ ଧର୍ଷିତା ହେଲା ଓ ଧର୍ଷଣ ପରେ ତା'କୁ ମାରି ଦିଆଗଲା। ମୁଖ୍ୟମନ୍ତ୍ରୀ ଏହାକୁ ହାଲୁକା ଭାବେ ନେଇ କହିଲେ- 'ଏ ରକମ କତ ହୟ'। ଏହା ମୋତେ ଭୀଷଣ ବ୍ୟଥିତ କରିଥିଲା। ପରିଣତିରେ ଜନ୍ମ ନେଇଥିଲା ମୋର 'ଶାଡ଼ୀ' କବିତା। କବିତାଟିରେ ରାଜନୀତି କମ୍, ବେଦନା ବା ବିଷଣ୍ଣତା ବେଶି।

**ପ୍ର: ଆପଣଙ୍କ କବିତାରେ ଅନେକତ୍ର ଏକ ଅନ୍ତରୀଣ ଗୀତିମୟତା ଥାଏ। ଗଦ୍ୟ ଛନ୍ଦରେ ଲେଖା ହେଲେ ବି ସେଇ ଗଦ୍ୟ ଭିତରେ ସ୍ୱରଟିଏ ବାଜି ଉଠୁଥାଏ। ନୁହେଁ କି?**



**ଉ:** ଗଦ୍ୟ ମୋର ମାତୃଭାଷା। ମୁଁ ମାତୃଭାଷାରେ କବିତା ଲେଖୁଛି। ମୋର ୭୦ ପ୍ରତିଶତ କବିତା କିନ୍ତୁ ଛନ୍ଦରେ ଲେଖା। ମୁଁ ଲେଖିଥିବା ଦୁଇ ହଜାର ପୃଷ୍ଠାର କବିତା ମଧ୍ୟରୁ ପ୍ରାୟ ଷୋଳଶହ ପୃଷ୍ଠା ହେବ ଛନ୍ଦ କବିତା। ଅଥଚ ମୋର ଗଦ୍ୟ ଲିଖିତ କବିତାକୁ ନେଇ ସମସ୍ତେ ଚର୍ଚ୍ଚା କରନ୍ତି।

ମୋ' କବିତାର ଅଭ୍ୟନ୍ତରରେ ଆପଣ ଯଦି କିଛି ସ୍ୱରର ସନ୍ଧାନ ପାଇଛନ୍ତି, ତାହା କବିତାରେ ଏକ ରକମ discordର ବ୍ୟବହାର। ଏପରି ବ୍ୟବହାର ଲାଟିନ୍ ଆମେରିକୀୟ କବି ନିକାନୋର ପାର୍‌ରାଙ୍କ କବିତାରେ ଦେଖିବାକୁ ମିଳେ। ଗତ ୪୦ବର୍ଷ ଧରି ମୁଁ କିନ୍ତୁ ମୋ' କବିତାରୁ ସବୁ ଗହଣା ଖୋଲିଦେବାର ଚେଷ୍ଟା କରିଆସିଛି।

**ପ୍ର: ଆପଣ କବି ଭାବେ ଆପଣଙ୍କ ପୂର୍ବସୂରୀଙ୍କଠାରେ କେତେ ଋଣୀ ଓ ସେମାନଙ୍କଠୁଁ କେତେ ଭିନ୍ନ?**

**ଉ:** ଆପଣ ମୋ' କବିତାରେ ସୁନୀଲ ଗଙ୍ଗୋପାଧ୍ୟାୟ, ସୁଭାଷ ମୁଖୋପାଧ୍ୟାୟ, ନୀରେନ୍ଦ୍ରନାଥ ଚକ୍ରବର୍ତ୍ତୀ ଓ ଶକ୍ତି ଚଟ୍ଟୋପାଧ୍ୟାୟଙ୍କୁ ପାଇବେ। ଏମାନେ ଆଧୁନିକ ବଙ୍ଗଳା କବିତାର ଜଣେ ଜଣେ ନିର୍ମାତା। ମୋ' କବିତାର ଯଦି DNA ପରୀକ୍ଷା କରାଯାଏ, ତେବେ ରିପୋର୍ଟରେ ଏମାନଙ୍କର ନାମସବୁ ଆସିବ। ମୁଁ ସ୍ୱୟଂଭୂ ନୁହେଁ। ଆକାଶରୁ ପଡ଼ିନାହିଁ କି ପାତାଳରୁ ଉଠି ଆସିନାହିଁ। ବଙ୍ଗଳା କବିତାର ଯେଉଁ ବାସ୍ତବତା, ମୁଁ ତା'ର ପରିଣତି। ମୋ' କବିତାରେ ପୁଣି କେବଳ ବଂଗଳା କବିତାକୁ ଖୋଜିଲେ ଚଳିବ ନାହିଁ। ତହିଁରେ କେଦାରନାଥ ସିଂହ, ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର ବି ଅଛନ୍ତି। ମୋ' ମାଟି, ମୋ' ଘର ଓ ମୋ' ଭାଷାକୁ ନେଇ ମୁଁ କବିତା ତିଆରି କରେ। ମୋ' ପୂର୍ବସୂରୀଙ୍କ କବିତାଠୁଁ ମୋ' କବିତା କିପରି ଅଲଗା, କେତେ ଅଲଗା, ସେଟା ମୁଁ କହିବାର ବିଷୟ ନୁହେଁ। ପାଠକମାନେ ସେକଥା କହିବେ।

**ପ୍ର: ଭାରତୀୟ କବିତାର ପ୍ରେକ୍ଷାପଟ୍ଟରେ ଆପଣ ବଂଗଳା କବିତାର ସାମ୍ପ୍ରତିକ ସ୍ଥିତିକୁ କିପରି ଦେଖନ୍ତି?**

**ଉ:** ସୁନୀଲ ଗଙ୍ଗୋପାଧ୍ୟାୟଙ୍କ ପରେ ଭାରତୀୟ ପଟ୍ଟଭୂମିରେ ବଂଗଳା କବିତା ମୁହଁ ମାଡ଼ି ପଡ଼ିଛି। ବଂଗଳା କବିତାର କଥା ଦିଲ୍ଲୀ ବା ଅନ୍ୟ କେଉଁଠି କହିବାର ଲୋକ ଆଉ ନାହାନ୍ତି। ଶଙ୍ଖ ଘୋଷ ଏକଥା କରିପାରିଥା'ନ୍ତେ, କିନ୍ତୁ ସେ କଲେନି। ସେ ନିଜ ବିଷୟରେ ମଗ୍ନ। ବଂଗଳା କବିତା କଥା କହିବସିଲେ କେବଳ ତାଙ୍କର ଜଣେ ଦୁଇଜଣ ଶିଷ୍ୟଙ୍କ କଥା ହିଁ ମନେପଡ଼େ। କହିଥା'ନ୍ତେ ନୀରେନ୍ଦ୍ରନାଥ। ସେ ବି ଗଲେ। ବଂଗଳା କବିତାର ମାଟି ବଡ଼ କରୁଣ ହୋଇ ଶୋଇରହିଛି। ଜଣେ ତ କେହି ଦରକାର, ଯିଏ ଭାରତୀୟ ପ୍ରେକ୍ଷାପଟ୍ଟରେ ବଂଗଳା କବିତାକୁ ଟେକି ଧରିବ! ମୋ' ପିଢ଼ି ଓ ମୋ' ପର ପିଢ଼ିର ବହୁ ବଂଗଳା କବି ବେଶ୍ ଭଲ କବିତା ଲେଖିଛନ୍ତି ଓ ଲେଖୁଛନ୍ତି। ମୁଁ ତ ଛାର୍ ଲୋକ, ଯାହା ପାରୁଛି କରୁଛି। ଏହା ଯଥେଷ୍ଟ ନୁହେଁ। ଆଶା କରେ, ବଂଗଳା କବିତାରେ ବଡ଼ ମାପର କେହି ଜଣେ ଦେଖା ଦେବେ, ଯିଏ ସେଟା କରିପାରିବେ।

**ପ୍ର: ଆପଣ 'ଭାଷା ନଗର' ପତ୍ରିକାର ପ୍ରତିଷ୍ଠାତା ଓ ଏଯାବତ୍ ତା'ର ସମ୍ପାଦକ ବି। ଏହାର ଗୁଣାଗୁଣ ନେଇ କ'ଣ କହିବେ?**

**ଉ:** ୧୯୯୧ରେ 'ଭାରତ ଭବନ' (ଭୋପାଳ)ରେ କବି ଅଶୋକ ବାଜପେୟୀଙ୍କ କଳ୍ପନାରୁ ଏହାର ଜନ୍ମ। ଏହାର ଲକ୍ଷ୍ୟ ଭାରତୀୟ ଓ ଭାରତ ବାହାର କବିତାର ବଂଗଳା ଅନୁବାଦ ପ୍ରକାଶ କରିବା। ଆରମ୍ଭରୁ ମୁଁ ଓ ମଲ୍ଲିକା (ସେନଗୁପ୍ତ) ଏହାର ସମ୍ପାଦକ ଥିଲୁ। ମଲ୍ଲିକାର ଦେହାନ୍ତ ପରେ ଏକା ମୁଁ ସମ୍ପାଦକ ଅଛି। ପତ୍ରିକାଟି ତ୍ରୈମାସିକ ଭାବେ ପ୍ରକାଶ ପାଇବ ବୋଲି ଘୋଷଣା କରାଯାଇଥିଲା, ହେଲେ ନାନା କାରଣରୁ ନିୟମିତ ପ୍ରକାଶ ପାଇପାରି ନାହିଁ। 'ଭାଷା ନଗର'ର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଦ୍ୱାରା ଅନୁପ୍ରାଣିତ ହୋଇ ବଂଗଳାରେ କିନ୍ତୁ ପାଞ୍ଚ ଛ'ଟି ପତ୍ରିକା ପ୍ରକାଶ ପାଉଛି। ଏମାନେ 'ଭାଷା ନଗର'ର ସ୍ୱପ୍ନକୁ ରୂପ ଦେଉଛନ୍ତି। ଏହା ହିଁ 'ଭାଷା ନଗର'ର ସଫଳତା, ୨୮ ବର୍ଷ ତପସ୍ୟାର ଫଳଶ୍ରୁତି।

**ପ୍ର: ବଂଗଳା ଭାଷା-ସାହିତ୍ୟ ପାଇଁ 'ବାଂଲା ସାହିତ୍ୟ ଏକାଡେମୀ' କ୍ରିୟାଶୀଳ ଥିବାବେଳେ 'ବାଂଲା କବିତା ଏକାଡେମୀ' ଗଠିତ ହୋଇଛି ଓ କାମ କରୁଛି। ଉଭୟର କାର୍ଯ୍ୟ ପରିସର ପରସ୍ପରକୁ ଦୋହରାଉ ନାହାନ୍ତି?**

**ଉ:** କବିତାକୁ ନେଇ ସ୍ୱତନ୍ତ୍ର ଭାବେ ଏକ ଏକାଡେମୀ ହେବ, ଏକଥା ଆଜିଯାଏଁ ଭାରତବର୍ଷରେ କେହି ଭାବି ନ ଥିଲେ। ଏକମାତ୍ର ପଶ୍ଚିମବଂଗ ସରକାର କବିତା ପାଇଁ ଅଲଗା କରି ଏକାଡେମୀଟିଏ ଗଢ଼ିଛନ୍ତି। ଭାରତକୁ ଛାଡ଼ି ଅନ୍ୟ ଦେଶ କଥା ବିଚାରକୁ ନେଲେ, ମୋ' ଜାଣିବାରେ ଆମେରିକାର ନ୍ୟୁୟର୍କରେ କବି ଓ କବିତା ପାଇଁ ଚାରିତାଲାର ପ୍ରାସାଦଟିଏ ରହିଛି, ଯେଉଁଠି କବିତାକୁ ନେଇ ଅନେକ କଥା ହୁଏ। ଏହା ଏକ ପ୍ରକାରର ଏକାଡେମୀ, ଯଦିଓ ସରକାରୀ ନୁହେଁ। 'କବିତା ଏକାଡେମୀ'ରେ ମୁଁ ସଭାପତି ଭାବେ ୩ବର୍ଷ କାମ କଲା ପରେ ମୋର ଅନୁଭବ ହୋଇଛି ଯେ ଏଇଟି ଏକ ଅସାଧାରଣ ଅନୁଷ୍ଠାନ। ଏଥିରେ ପ୍ରତିମାସ କବିତା ଆଲୋଚନା, କବିତା ଆବୃତ୍ତି, ବିତର୍କ (ଭାସ୍କର୍ଯ୍ୟ, ଫଟୋଗ୍ରାଫି, ଫିଲ୍ମ, କଳା ଓ କୋରିଓଗ୍ରାଫି ଆଦି ଶୃଙ୍ଖଳା ସହ କବିତାର ସମ୍ପର୍କ ଭିତ୍ତିରେ) ଆଦି ଅନୁଷ୍ଠିତ ହେଉଛି। ଏକ ପ୍ରଦର୍ଶନ କଳା (Performing Art) ହିସାବରେ କବିତାର ଅଭିବୃଦ୍ଧି ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି। କବିତାର ପୋଷ୍ଟର ତିଆରି ହେଉଛି। କେବଳ ବଂଗଳା କବିତା ନୁହେଁ, ଅନ୍ୟ ପ୍ରମୁଖ ଭାରତୀୟ କବି ଓ ଭାରତ ବାହାରର କବିଙ୍କ ଉପରେ ଚର୍ଚ୍ଚା ହେଉଛି। ଏହି କ୍ରମରେ କେଦାରନାଥ ସିଂହ ଓ ଆଲାନ୍ ଗିନ୍‌ସବର୍ଗଙ୍କ ଉପରେ ଆଲୋଚନାଚକ୍ର ଆୟୋଜିତ ହୋଇଛି। କବିତାରେ ସାତଟି ପୁରସ୍କାର ଦିଆଯାଉଛି। ଜୀବନାନନ୍ଦ, ସୁଭାଷ, ସୁନୀଲ ଓ ବିନୟ ମଜୁମ୍‌ଦାରଙ୍କ ନାମରେ ଏସବୁ ପୁରସ୍କାର ନାମିତ ହୋଇଛି। 'ବାଂଲା ଏକାଡେମୀ'ରେ କ'ଣ ଏସବୁ ସମ୍ଭବ? ଏକ ସ୍ୱତନ୍ତ୍ର ବିଭାଗ ଭାବେ ଆମେ 'ଆବୃତ୍ତି ଶିଳ୍ପ'କୁ ଜନ୍ମ ଦେଇଛୁଁ। ପଶ୍ଚିମବଙ୍ଗରେ ୫ହଜାର ଅନୁଷ୍ଠାନ (କଲକାତାର ବାଲିଗଞ୍ଜଠୁଁ ସୀମାନ୍ତବର୍ତ୍ତୀ କୁଚ୍‌ବିହାର ପର୍ଯ୍ୟନ୍ତ) ରହିଛି, ଯେଉଁମାନେ କବିତା ଆବୃତ୍ତି ଶିକ୍ଷା ଦେଉଛନ୍ତି। ମୁଁ ଆପଣଙ୍କଠୁଁ କବିତାଟିଏ ଲେଖେଇ ନେଇପାରିବି ନାହିଁ ସିନା, ଆଉ ସବୁ ତ କରିପାରିବି!

**ପ୍ର: 'ବାଂଲା କବିତା ଏକାଡେମୀ' ଏକ ସ୍ୱାଧୀନ ସୋସାଇଟି ଭାବେ ପଞ୍ଜୀକୃତ ନା ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ?**

**ଉ:** ପଶ୍ଚିମବଙ୍ଗ ସରକାରଙ୍କ ତଥ୍ୟ ଓ ସଂସ୍କୃତି ବିଭାଗ ନିୟନ୍ତ୍ରଣରେ ଏହା ପରିଚାଳିତ। ସଭାପତିଙ୍କୁ ମିଶାଇ ଏହାର ସଭ୍ୟସଂଖ୍ୟା ୮। ସଭାପତିଙ୍କ କାର୍ଯ୍ୟକାଳ ୫ବର୍ଷ। ସରକାରୀ ହେଲେ ବି ଏ ପର୍ଯ୍ୟନ୍ତ ଏଥିରେ କୌଣସି ପକ୍ଷପାତିତା ପରିଲକ୍ଷିତ ହୋଇନାହିଁ।

**ପ୍ର: କବିତାକୁ ନେଇ ଆପଣଙ୍କର ବଡ଼ ପ୍ରକଳ୍ପ (Project) ଆଉ କ'ଣ?**

**ଉ:** ମୁଁ ଏବେ ଏକ ପୋଷ୍ଟ ମଡର୍ଣ ମହାକାବ୍ୟ ରଚନାରେ ନିମଗ୍ନ। ଏହା ୩ ଭାଗରେ ପ୍ରକାଶ ପାଇବ। ପ୍ରତ୍ୟେକ ଭାଗ ପ୍ରାୟ ୩୦୦ରୁ ୪୦୦ ପୃଷ୍ଠା ବିଶିଷ୍ଟ ହେବ। ପ୍ରତିଦିନ ସକାଳେ ଏଥିପାଇଁ ମୁଁ ୪ଘଣ୍ଟା ସମୟ ଦେଉଛି। ସବୁ ଦୃଷ୍ଟିରୁ ଏହା ଏକ ବଡ଼ ପ୍ରକଳ୍ପ, ଯାହାକୁ କହନ୍ତି Megnapus।

**ପ୍ର: ଆପଣଙ୍କ ମହାକାବ୍ୟର ମୋଟାମୋଟି ବିଷୟ କ'ଣ? ଏହାକୁ ପୋଷ୍ଟ ମଡର୍ଣ ମହାକାବ୍ୟ ବୋଲି କାହିଁକି କହୁଛନ୍ତି?**

**ଉ:** ଏଇଥି ପାଇଁ ଯେ 'ମହାକାବ୍ୟ' କହିଲେ ଆମ ମନରେ ଏକ ପାରମ୍ପରିକ ଧାରଣା ରହିଛି। ଆଧୁନିକ ଯୁଗରେ ଯାହା ଲେଖାଯାଇଛି, ତାହା 'ମହାକାବ୍ୟ' ନୁହେଁ, ଦୀର୍ଘ କବିତା ପର୍ଯ୍ୟାୟର। ମୁଁ ଲେଖୁଥିବା ମହାକାବ୍ୟରେ ଦୀର୍ଘ ୬୦ବର୍ଷର ସମୟଖଣ୍ଡରେ ଭାରତୀୟ ଉପମହାଦେଶରେ ଯାହାଯାହା ଘଟିଛି, ତା'ର ନିର୍ଯାସ ଆପଣ ପାଇବେ।

**ପ୍ର: କ'ଣ ରଖିଛନ୍ତି ପରିକଳ୍ପିତ ଏଇ ମହାକାବ୍ୟର ନାଁ?**

**ଉ:** ନାଁ ଦେଇନାହିଁ। ଦେଲେ ବି କହିବି ନାହିଁ। ବହି ପ୍ରକାଶ ଯାଏଁ ନାଆଁଟା ଅନ୍ତତଃ ଗୋପନ ଥାଉ।

*ପ୍ରଶ୍ନ ଓ ପ୍ରସ୍ତୁତି: ଡ. ହୃଷୀକେଶ ମଲ୍ଲିକ*

ସ୍ମରଣୀୟ

ନନ୍ଦିନୀ ଶତପଥୀ ଭାରତର ରାଜନୀତିରେ କେବଳ ଏକ ଅଲିଭା ପଦଚିହ୍ନ ନୁହନ୍ତି, ଭାରତୀୟ କଥା ସାହିତ୍ୟରେ ତାଙ୍କର ଉଜ୍ଜ୍ୱଳ ସ୍ୱାକ୍ଷର ଏବେ ବି ଦାଉଦାଉ ଦିଶେ, ଫେରି ଚାହିଁଲେ। ଯଦିଓ ଖୁବ୍ ବେଶୀ ଗଳ୍ପ ସେ ଲେଖିନାହାନ୍ତି, ତଥାପି ଲେଖିଥିବା ସ୍ୱଳ୍ପ କାହାଣୀଗୁଡ଼ିକ ଭିତରେ ତାଙ୍କ ସମକାଳୀନ ସମାଜ ଓ ଜନଜୀବନ କେବଳ ଉଦ୍ଦୀପ୍ତ ହୋଇନାହିଁ, ମଣିଷର ଅନାଗତ ଭବିଷ୍ୟ ବି ଅତି ସଂଗୋପନରେ ରୂପ ଘେନିଛି। ଏଥରର 'ସ୍ମରଣୀୟ'ରେ ଏହି ମହୀୟସୀ ଲେଖିକାଙ୍କର ଏକ ଚର୍ଚ୍ଚିତ ଗଳ୍ପ 'ଅଭିମାନ' ସ୍ଥାନିତ, ଯହିଁରେ ଗଭୀର ଦାମ୍ପତ୍ୟ ଭିତରୁ ଉଙ୍କି ମାରି ଚାହିଁଛି ମନର ଅତୃପ୍ତ ଆକାଂକ୍ଷା। ଝାପ୍‌ସା ଏକ ପରିଣତି ଗଳ୍ପଟିକୁ ଦେଇଛି ସୃଜନର ଅଭାବିତ ମହିମା...। ସଂଯୋଗକୁ ଜୁନ୍ ୯ ହିଁ ନନ୍ଦିନୀ ଦେବୀଙ୍କ ପବିତ୍ର ଜନ୍ମଦିନ।



ନନ୍ଦିନୀ ଶତପଥୀ

# ଅଭିମାନ

ପୂରାଟ ଦର୍ପଣଟା ସାମ୍ନାରେ ଠିଆ ହୋଇ ନିଜକୁ ନିଜେ ବିସ୍ମୟରେ ଚାହିଁ ରହିଥିଲା ସଂଘମିତ୍ରା। ହୁଏତ ସେ ଭାବୁଥିଲା, ଆଜିର ଘଟଣାରେ ସେ ଯେତିକି ବିସ୍ମିତ ହୋଇଛି, ବାହ୍ୟ ଆକୃତିରେ ତା'ର ପ୍ରତିଫଳନ ସେତିକି ହୋଇଛି କି ନାହିଁ! କିନ୍ତୁ ଦର୍ପଣରେ ଛାଇ ପଡ଼ିବା ମାତ୍ରେ ମିତ୍ରାର ବିସ୍ମୟ ଯେପରି ଚତୁର୍ଗୁଣ ହୋଇଗଲା।

ସୀମନ୍ତର ଦୁଇକଡ଼ରେ କେଶଗୁଚ୍ଛ ଶ୍ୱେତବର୍ଣ୍ଣ ଧାରଣ କରିଛି। ଚକ୍ଷୁର କୋଟରରେ ଅପର୍ଯ୍ୟାପ୍ତ କାଳିମା– ଆଉ କପାଳର କୁଞ୍ଚିତରେଖା ଅତି ସ୍ପଷ୍ଟ। ମୁଖମଣ୍ଡଳରୁ କେହି ଯେପରି ସମସ୍ତ ଶ୍ରୀ ଓ ସ୍ୱାସ୍ଥ୍ୟ ଚିପୁଡ଼ି ନିଃଶେଷ କରି ନେଇଯାଇଛି। ହଠାତ୍ ମନେପଡ଼ିଲା, ମାତ୍ର ଦୁଇ ମାସ ତଳେ ଅତି ନିଃଶବ୍ଦରେ ତା' ଜୀବନର ଚାଳିଶଟି ବସନ୍ତ ଅପସରି ଯାଇଛି।

ନିଜର ଅଜାଣତରେ ପରିଚ୍ଛଦ ଉପରକୁ ଆଉ ଥରେ ଦୃଷ୍ଟି ଫେରିଆସିଲା ମିତ୍ରାର। ସଂସାର ଜଞ୍ଜାଳର ସମସ୍ତ ଚିହ୍ନ ସତେ ଯେପରି ସେହି ପିନ୍ଧା ଲୁଗାଟା ଉପରେ ଆତ୍ମପ୍ରକାଶ କରିବାକୁ ବ୍ୟାକୁଳ ହୋଇ ଉଠିଛନ୍ତି। ବିଭିନ୍ନ ସ୍ଥାନରେ କଳା ଆଉ ହଳଦୀର ଅପୂର୍ବ ସମାବେଶ। ମଝିଆଁ ଝିଅ ଟୁନିର ଜନ୍ମପାଣି ରହିଯାଇଛି– ସବୁବେଳେ ନାକ ସଡ଼ସଡ଼। ମିତ୍ରାର କାନିଟା ସେଥିପାଇଁ ପ୍ରାୟ ସିଂଘାଣିରେ ବୁଡ଼ି ରହିଥାଏ। ବଡ଼ ପୁଅଟା ଏବେ ଭାରି ଦୁଷ୍ଟାମି କରୁଛି। ବଲ୍ ଖେଳିଖେଳି ଘରକୁ ଫେରି ଗୋଡ଼ହାତ ଧୋଇ ସାରିଲେ ସେ ମା'ର କାନିଟାକୁ ଖୋଜେ– ତଉଲିଆ ବଢ଼ାଇ ଦେଲେ ଫୋପାଡ଼ିଦିଏ। ତା'ର ଅଭିଯୋଗ ଆଉ ଯୁକ୍ତି ହେଉଛି– ଟୁନି କାହିଁକି ସେଇ କାନିରେ ନାକ ପୋଛେ। ମିତ୍ରା ନୀରବ ହୁଏ। ଆଉ ସାନ ଝିଅର ମୂତରେ ତ ପ୍ରତିଦିନ ସକାଳୁ ଲୁଗାଟା ବୁଡ଼ି ରହିଥିବା ହେଉଛି ଏକ ନିୟମ। ଶେଷରେ ସ୍ୱାମୀ– ସରକାରୀ ଦପ୍ତରର ଅଣ୍ଡର ସେକ୍ରେଟେରୀ ପ୍ରଶାନ୍ତ ମିଶ୍ରଙ୍କର ଲୋଡ଼ାହୁଏ ମିତ୍ରାର ଏହି ଅପରିଚ୍ଛନ୍ନ ଲୁଗାକାନିଟା– ତିନି ଥର ଭାତ ଆଉ ଜଳଖିଆ ଖାଇସାରିଲା ପରେ।

ମିତ୍ରା କେତେ ଥର ବିରକ୍ତ ହୋଇଛି, କେତେ ଥର ଥଟ୍ଟା କରିଛି। ପ୍ରଶାନ୍ତ ତାଙ୍କର ପ୍ରଶାନ୍ତ ହସରୁ ଝଲକାଏ ଓଠରେ ଖେଳାଇ ସବୁବେଳେ କେବଳ ସେଇ ଗୋଟିଏ କଥା କହନ୍ତି– ତମର କାନିଟା ଭାରି ଭଲ ଲାଗେ ମିତ୍ରା! ମିତ୍ରା ପାଟିରୁ କଥା ହଜିଯାଏ।

ଭାବନାର ଖିଅ ବି ହଜିଯାଇଛି। ସକାଳର ଘଟଣାକୁ ପୁଣି ଫେରିଆସିଲା ମିତ୍ରା। ବିନୟ ସାଙ୍ଗରେ ଆଜି ଦେଖାହେଲା ହଠାତ୍। ବିନୟ– ଏଇ ନାଁଟା ସାଥିରେ ବହୁତ ସ୍ମୃତି ଜଡ଼ିତ ରହିଛି ମିତ୍ରାର। ମନକୁ ମନ ଦୁଇ ତିନିଥର ନାଁଟାକୁ ଉଚ୍ଚାରଣ କଲା– ଆଉ ଦର୍ପଣକୁ ଚାହିଁ ହସିଲା ବି ଖୁବ୍। ହଠାତ୍ ମୁହୂର୍ତ୍ତକ ପାଇଁ ମନେହେଲା ଦର୍ପଣରେ ଯାହାର ପ୍ରତିବିମ୍ବ ପଡ଼ିଛି, ସେ ଚାରୋଟି ସନ୍ତାନର ଜନନୀ ଚାଳିଶବର୍ଷୀୟା ବିଗତଯୌବନା ମିତ୍ରା ନୁହେଁ– ସଦ୍ୟ ବିକଶିତା କିଶୋରୀ ସଂଘମିତ୍ରା! ଆଜିକାଲି ମିତ୍ରାକୁ ତ କେହି ସଂଘମିତ୍ରା ଡାକନ୍ତି ନାହିଁ– ମା' ଆଉ ମିତ୍ରା ଡାକ ଅଧିକାଂଶ ସମୟରେ ଶୁଣିବାକୁ ମିଳେ। ତା'ଛଡ଼ା ବାହାରେ ତ ସେ ମିସେସ୍ ମିଶ୍ର, ଚିଠିରେ ମଧ ମିସେସ୍ ପି. ମିଶ୍ର। ମିସେସ୍ ମିଶ୍ରଙ୍କ ଭିତରେ ଅନେକ ଦିନରୁ ସଂଘମିତ୍ରାର ସତ୍ତା ଲୋପ ହୋଇଗଲାଣି।

ଆଜି ବୋଧହୁଏ ସେଇଥିପାଇଁ ବିନୟର ସଂଘମିତ୍ରା ଡାକଟା ତା' ମନରେ ଏପରି ଏକ ଚମକ ସୃଷ୍ଟି କରିଦେଲା। ବିନୟର ଡାକର ଗୋଟାଏ ବୈଶିଷ୍ଟ୍ୟ ଅଛି। ସେଇଟା କଥାରେ କହି ହୁଏତ କାହାରିକୁ ବୁଝାଇ ହେବନି– କିନ୍ତୁ ଅନୁଭବ କରିହେବ ବେଶ୍। ସେ ଡାକଟା ବିନୟର ଏକାନ୍ତ ନିଜସ୍ୱ– ଆଉ ସେ ଡାକଟା ପୁଣି କେବଳ ସଂଘମିତ୍ରା ପାଇଁ ଉଦ୍ଦିଷ୍ଟ। ପ୍ରାୟ ପଚିଶ ବର୍ଷ ତଳେ ବିନୟ ଏମିତି ଡାକିଥିଲା ମିତ୍ରାକୁ– ଆଉ ମିତ୍ରା ମଧ ତା'ର ଉତ୍ତର ଦେଇଥିଲା...।

ଡ୍ରେସିଂ ଟେବୁଲ ସାମ୍ନାରେ କୁସନ୍‌ଦିଆ ଟୁଲ୍ ଉପରେ ହଠାତ୍ ବସିପଡ଼ିଲା ସେ। ମୁଣ୍ଡଟା ଝାଇଁଝାଇଁ ହୋଇଯାଉଛି। ଏସବୁ ଅବାନ୍ତର କଥା ଏତେ ଦିନ ପରେ ମନେପଡ଼ିବାର କ'ଣ ବା ଦରକାର ଥିଲା! ଧେତ୍, ଏଇ ବିନୟକୁ ଡାକି ଦେଇ ଆଜି ଯେତେସବୁ ଗୋଳମାଳ ହୋଇଗଲା। କାଇଁକି ଡାକିଲା ସେ ବିନୟକୁ?

ଏଇ ପଚିଶ ବର୍ଷ ଭିତରେ ବିନୟ ସାଙ୍ଗରେ ଯେ ତା'ର ଦେଖା ନ ହୋଇଛି ଏପରି ନୁହେଁ। ବିନୟ ପ୍ରଶାନ୍ତର ବନ୍ଧୁ। ବେଳେବେଳେ କାମ ଅକାମରେ ତାଙ୍କ ଘରକୁ ଆସିଛି–ଚା' ଜଳଖିଆ ଖାଇ ଗପ କରି ଚାଲିଯାଇଛି। ପ୍ରଶାନ୍ତ ବିନୟର ପ୍ରଶଂସାରେ ଶତମୁଖ ହୁଅନ୍ତି ଏବଂ ଅତି ଆଶ୍ଚର୍ଯ୍ୟ ହୋଇ ମିତ୍ରା ଲକ୍ଷ୍ୟ କରିଛି, ବିନୟର ଭଦ୍ରତା ଓ ନମ୍ରତା ଇତ୍ୟାଦି ସଦ୍‌ଗୁଣଗୁଡ଼ିକ ପ୍ରଶାନ୍ତର ଉପସ୍ଥିତିରେ ଯେପରି ଶହେଗୁଣ ଅଧିକ ହୋଇଯାଇଛି। କିନ୍ତୁ ବିନୟର ଉପସ୍ଥିତିରେ ମିତ୍ରାର ତ କେବେ ଭାବାନ୍ତର ହୋଇନାହିଁ– କେବେ ତ ତା'ର ଦୈନନ୍ଦିନ କାର୍ଯ୍ୟରେ ବ୍ୟତିକ୍ରମ ଘଟିନାହିଁ!

କ'ଣ ସେ ବିନୟକୁ କହିବ ଆଜି? ବିନୟ ତ ନିଶ୍ଚୟ ପଚାରିବ ଡାକିବାର କାରଣ। ମିତ୍ରା ନିଜ ମନକୁ ଅଣ୍ଡାଳୁଛି କେଉଁ କୋଣରେ କିଛି ରହିଯାଇଛି ଅବା। ପଚିଶବର୍ଷ ଭିତରେ ଏମିତି ବାରମ୍ବାର ସେ ମନକୁ ଅଣ୍ଡାଳିଛି– ଯାହା ଅଦରକାରୀ ମନେକରିଛି, ତାକୁ ଆବର୍ଜନା ଭଳି କାଢ଼ି ଫୋପାଡ଼ି ଦେଇଛି। ସମାଜ, ପରିବାର, ଶୃଙ୍ଖଳା, ନୈତିକତାର ଦ୍ୱାହି ଦେଇ କେତେଥର ସେ ମନର ଜୁଆରକୁ ଅତି ନିର୍ମମ ଭାବରେ ଠେଲିଦେଇଛି ଭିତରକୁ। ସେ ଅବୁଝା ନୁହେଁ, ସେ ଅସଜଡ଼ା ନୁହେଁ, ସେ ସ୍ୱାର୍ଥପର ନୁହେଁ। ଅନ୍ୟମାନେ ତାକୁ ପ୍ରଶଂସା କରିଛନ୍ତି– ସେ ବି ନିଜକୁ ପ୍ରଶଂସା କରିଛି।

ସେଦିନ ମଣିମାଳା କଥା ବନ୍ଧୁ ମହଲରେ ଆଲୋଚିତ ହେଉଥିଲା। ମଣିମାଳା ସ୍ୱାମୀ–ପୁତ୍ର ନେଇ ଘର କରିଥିଲା, ଅଥଚ କି ଆଶ୍ଚର୍ଯ୍ୟ– ଏତେ ରୂପବାନ୍ ଆଉ ଗୁଣବାନ୍ ସ୍ୱାମୀକୁ ଛାଡ଼ିଦେଇ ସେ ଚାଲିଆସିଛି। ପବିତ୍ରର ମୋହ ତାକୁ ସ୍ୱାମୀ ନିକଟରୁ ଟାଣିଆଣିଛି। ଏବେ କୁଆଡ଼େ ପବିତ୍ର ସହିତ ସେ ଏକତ୍ର ରହୁଛି। ପିଲାମାନେ ତା'ର ବଡ଼ ହେଲେଣି; ସବୁ ଦେଖୁଥିବେ, ସବୁ ବୁଝୁଥିବେ। କ'ଣ ସେମାନେ ଭାବୁଥିବେ ମା'କୁ। ଘୃଣାରେ ସେଦିନ ମିତ୍ରାର ସମସ୍ତ ଶରୀର ରୋମାଞ୍ଚିତ ହୋଇ ଉଠିଥିଲା। ମିତ୍ରାର ଦୃଢ଼ ପ୍ରତିବାଦ ଦେଖି ଉପସ୍ଥିତ ନାରୀ ବନ୍ଧୁମାନେ ଏକ ଅହେତୁକ ଶଙ୍କା ଓ ସଂକୋଚରେ ନୀରବ ହୋଇ ଯାଇଥିଲେ। ମଣିମାଳା ସେମାନଙ୍କର ବନ୍ଧୁ ହେଲେ ମଧ ସମସ୍ତଙ୍କଠାରୁ ପାଠ ସେ ପଢ଼ିଛି ବେଶୀ। ପୁଣି ତା' ଚେହେରାରେ କେମିତି ଗୋଟାଏ ଅଦ୍ଭୁତ ଗାମ୍ଭୀର୍ଯ୍ୟ ଅଛି, ଯେଉଁଥିପାଇଁ କେହି ଭରସି ତା' ଆଗରେ କିଛି କହିପାରନ୍ତିନି।

ମିତ୍ରା କଥାରେ ଏକମାତ୍ର ଶଙ୍କର ସେଦିନ ପ୍ରତିବାଦ କରିଥିଲା– 'ମନର ଆବେଗକୁ ଦବେଇ ଅହରହ ନିଜକୁ ପ୍ରତାରିତ କରିବାଟାକୁ ଆପଣ ତା'ହେଲେ ଖୁବ୍ ବଡ଼ କଥା ବୋଲି ବିଚାରନ୍ତି, ମିସେସ୍ ମିଶ୍ର?'

ମିତ୍ରା ଚମକିପଡ଼ିଲା; ସେ କିନ୍ତୁ ମୁହୂର୍ତ୍ତକ ପାଇଁ। ତା'ପରେ ନିଜକୁ ଯଥାସମ୍ଭବ କଠୋର କରି କହିଥିଲା– ''ମନର ଆବେଗକୁ ଲଗାମଛଡ଼ା କରିଦେବା ମନୁଷ୍ୟତ୍ୱର ପରିଚାୟକ ନୁହେଁ ମି. ଦାସ! ଆବେଗର ସ୍ରୋତରେ ଦୁନିଆ ଚାଲିନାହିଁ; ଚାଲିଛି ସଂଯମର ଛନ୍ଦ ଭିତରେ। ସେଥିପାଇଁ ଯେଉଁଦିନ ନିଜ ଗଢ଼ା ନିୟମ ବିଚାରି ମନୁଷ୍ୟ ସମାଜର ଅତ୍ୟାବଶ୍ୟକ ଶୃଙ୍ଖଳାକୁ ଭାଙ୍ଗିବାକୁ ଆଗେଇଯିବ, ସେଦିନ ପୁଣି ଥରେ ତାକୁ ଫେରିଯିବାକୁ ହେବ ବର୍ବର ଯୁଗକୁ। ସେତେବେଳେ ପରିବାର, ସାମାଜିକତା, ଲୌକିକତା କିଛି ଆଉ ରହିବ ନାହିଁ।''

ପ୍ରଶାନ୍ତ ସେଦିନ ମିତ୍ରାର ଏଇ ଯୁକ୍ତିକୁ ଅସମ୍ଭବ ଭାବରେ ତାରିଫ୍ କରିଥିଲେ– ଆଉ କହିଥିଲେ...। କ'ଣ କହିଥିଲେ? ପ୍ରଶାନ୍ତର କଥା ମନେପଡ଼ି ମିତ୍ରାର କାନମୂଳଠାରୁ ଆରମ୍ଭ ହୋଇ ସମସ୍ତ ମୁଖମଣ୍ଡଳରେ ଏକ ରକ୍ତିମ ଛିଟା ଖେଳିଗଲା ପୁଣି ଥରେ... 'ତୁମେ ବାସ୍ତବିକ୍ ଅସାମାନ୍ୟା ମିତ୍ରା! ତମକୁ ପାଇବାଟା ମୋ' ପକ୍ଷରେ ଏକ ବିରାଟ ଗୌରବ।'

ମିତ୍ରା ସେଦିନ କିଶୋରୀସୁଲଭ ସଲଜ୍ଜତା ଘେନି ପ୍ରଶାନ୍ତର ପ୍ରଶସ୍ତ କାନ୍ଧରେ ମୁହଁ ଗୁଞ୍ଜି ଦେଇଥିଲା।

ଆଜି ପୁଣି ସେଇ ମିତ୍ରାର ମୁଣ୍ଡରେ ଏ ଦୁର୍ବୁଦ୍ଧି ଢୁକିଲା କାହିଁକି? ପ୍ରଶାନ୍ତ ତ ନିଶ୍ଚୟ ବିନୟ ବିଷୟରେ ସବୁ ଶୁଣିଥିବେ; କିନ୍ତୁ ଦୀର୍ଘ ପଚିଶ ବର୍ଷ ଭିତରେ ଦିନେ ବି ସେ ସମ୍ପର୍କରେ ଗୋଟିଏ ସୁଦ୍ଧା ପ୍ରଶ୍ନ ସେ ମିତ୍ରା ସମ୍ମୁଖରେ ଉଠାଇ ନାହାନ୍ତି। ଅତି ଧୀର ଅଥଚ ପ୍ରସନ୍ନ ଭାବରେ ସେ ତାଙ୍କର ଦୈନନ୍ଦିନ କାମ କରିଯାଆନ୍ତି। କୌଣସିଥିରେ ଅଯଥା ଉଦ୍‌ବେଗ ଅଥବା ଅହେତୁକ ସନ୍ଦେହ କରିବାଟା ଯେପରି ତାଙ୍କ ପ୍ରକୃତି ବିରୁଦ୍ଧ। ପ୍ରଶାନ୍ତଙ୍କର ଏହି ଉଦାସୀନତାରେ ସେତେବେଳେ ଅଧୈର୍ଯ୍ୟ ହୋଇଉଠେ ମିତ୍ରା। ସଂସାର ଜଞ୍ଜାଳ ଭିତରେ ଘାଣ୍ଟି ହୋଇ ପଦଟିଏ ସହାନୁଭୂତିପୂର୍ଣ୍ଣ କଥା ପାଇଁ ମିତ୍ରାର ପ୍ରାଣ ଯେତେବେଳେ ଉନ୍ମୁଖ ହୋଇ ରହିଥାଏ, ସେତେବେଳେ ନିତାନ୍ତ ଆବଶ୍ୟକ କେତେ ପଦ ମାତ୍ର କଥା କହି ପ୍ରଶାନ୍ତ ପୁଣି ବୁଡ଼ିଯାଆନ୍ତି ନିଜ କାମରେ। ଅବସର ଆଉ ଉଚ୍ଛଳତାକୁ ପ୍ରଶାନ୍ତଙ୍କ ଜୀବନରେ ସତେଯେପରି କିଏ ବେଆଇନ ଘୋଷଣା କରିଦେଇଛି!

କିନ୍ତୁ ପ୍ରାଣର ପ୍ରାଚୁର୍ଯ୍ୟ ଯେ ହୃଦୟ–ପାତ୍ର ପୂର୍ଣ୍ଣ କରି ଉପୁଚି ପଡୁଚି ମିତ୍ରାର, ସେ ଖବର ତ ରଖନ୍ତି ନାହିଁ ପ୍ରଶାନ୍ତ! ଅଥଚ ମିତ୍ରାର ସମସ୍ତ କଳ୍ପିତ ଅଭିଯୋଗ ଆଉ ଅଭିମାନ ପ୍ରଶାନ୍ତଙ୍କ ପ୍ରସନ୍ନ ମୁହଁ ପାଖରେ ହାର ମାନି ଫେରିଆସେ– ପ୍ରକାଶ ପାଇପାରେ ନାହିଁ। ଅଦ୍ଭୁତ ଭାବରେ ତ୍ରୁଟିହୀନ ଏଇ ପ୍ରଶାନ୍ତ। କେତେଥର ମିତ୍ରା ଭାବିଛି– ଯଦି ସାମାନ୍ୟତମ ତ୍ରୁଟି ମଧ ସେ ଆବିଷ୍କାର କରିପାରନ୍ତା ପ୍ରଶାନ୍ତଙ୍କ ବ୍ୟବହାରରେ, ତେବେ ତ ତା'ର ଅଭିଯୋଗଗୁଡ଼ାକ ଅନ୍ତତଃ ମୁକ୍ତାଲୋକକୁ ଆସି ନିଃଶ୍ୱାସ ମାରନ୍ତେ; କିନ୍ତୁ ହାୟ!

ଦର୍ପଣ ଉପରେ ଆଖିଟା ସ୍ଥିର ରହିଛି ମିତ୍ରାର– ଅଥଚ ଦୃଷ୍ଟିଟା ଅନ୍ତର ଭିତରକୁ। ଏଭଳି ଏକ ଅଭାବନୀୟ ଶାନ୍ତ ସୁନ୍ଦର ଜୀବନ ଭିତରକୁ ହଠାତ୍ କାହିଁକି ବିନୟକୁ ଟାଣିଆଣିବାକୁ ଚାହିଁଲା ମିତ୍ରା? ଏଇ ଗୋଟିକ ପ୍ରଶ୍ନ ବାରମ୍ବାର ବହୁରୂପରେ ତା' ମନ ଭିତରେ ମୁଣ୍ଡ ଟେକୁଛି; କିନ୍ତୁ ଏପର୍ଯ୍ୟନ୍ତ ତା'ର କୌଣସି ସନ୍ତୋଷଜନକ ଉତ୍ତର ପାଇଲା ନାହିଁ ସେ। ତେବେ କ'ଣ ଏତେ ସାବଧାନତା ସତ୍ତ୍ୱେ, ଏତେ ହୃଦୟଉଝଳା ପରେ ବି କେଉଁଠି ଟିକିଏ ଦୁର୍ବଳତା ରହିଯାଇଛି ବିନୟ ପ୍ରତି? ଚିତ୍କାର କରି ଉଠିଲା ମିତ୍ରା– ନା, ନା– ଏହା ଅସମ୍ଭବ। ତା'ର ଅନ୍ତରର ଏବଂ ବାହାରର କୌଣସି କାମରେ ବିନୟର ସହଯୋଗ ସେ ଲୋଡ଼େ ନାହିଁ। ସହଯୋଗ ପାଇଲେ ମଧ ସେ ଉପେକ୍ଷା କରନ୍ତା। ତେବେ?

ଶୀତ ସନ୍ଧ୍ୟାର ପାତଳ ଅନ୍ଧକାର କ୍ରମେ ବହଳ ହେଲାଣି। ଦର୍ପଣ ଉପରୁ କେତେବେଳୁ ଲିଭିଗଲାଣି ମିତ୍ରାର ମୁହଁ। ଘରର ସବୁ ଜିନିଷପତ୍ର ସମ୍ପୂର୍ଣ୍ଣ ଅସ୍ପଷ୍ଟ ହୋଇଯାଇଛି। କେହି ଏପର୍ଯ୍ୟନ୍ତ ଏହି ଘର ଭିତରକୁ ଆସିନାହିଁ। ଆସିଥିଲେ ହୁଏତ ଅନ୍ଧକାର ଭିତରେ ମିତ୍ରାକୁ ଏମିତି ବସି ରହିବାର ଦେଖି ଆଶ୍ଚର୍ଯ୍ୟ ହୋଇଥାଆନ୍ତା। ପିଲାମାନେ ମାଷ୍ଟ୍ରଙ୍କ ପାଖରେ ପଢ଼ିବା ଆରମ୍ଭ କରିଦେଲେଣି। ସେପଟୁ ଖାଲି ପାଟି ଶୁଭୁଛି। ପରଦା ଦେଇ ପ୍ରଶାନ୍ତଙ୍କ ଅଫିସ୍ ଘରର ଲ୍ୟାମ୍ପ୍ ଆଲୁଅଟା ଦିଶୁଛି। ବିରାଟ ଫାଇଲଗଦାକୁ ସାମ୍ନାରେ ରଖି, ଗୋଟାଏ ହାତ ଉପରେ ଗାଲଟାକୁ ଭରାଦେଇ ଅନ୍ୟ ହାତରେ କଲମଟା ଧରି ସେଇଠି ବସିଥିବେ ପ୍ରଶାନ୍ତ। ରାତି ଦଶଟା ବାଜିଯିବ। ପିଲାମାନେ ଖାଇସାରି ବିଛଣାକୁ ଯିବେ। ତା'ପରେ ବଡ଼ବଡ଼ ଭାରି ପାଦ ପକାଇ ପ୍ରଶାନ୍ତ ଅଫିସଘରୁ ବାହାରି ଆସିବେ। ପ୍ୟାଣ୍ଟ ଶାର୍ଟ ଛାଡ଼ି ଲୁଙ୍ଗି ପିନ୍ଧି ମିତ୍ରାର ପଛରେ ଆସି ଠିଆହେବେ। ତା'ପରେ ଅତି ନିରୀହ ଶିଶୁସୁଲଭ ଭଙ୍ଗୀରେ କହିବେ, 'ଆଜି କ'ଣ ଖାଇବାକୁ ଦେବନି ମିତ୍ରା!' ଦୁଇଟା ଥାଳିରେ ଅତି ସାଧାରଣ ଖାଦ୍ୟ ବାଢ଼ି ଆଣି ଆସନ ଆଗରେ ଥୋଇବ ମିତ୍ରା; ଆଉ ଦୁହେଁ ଏକାସାଙ୍ଗରେ ଖାଇ ବସିବେ। ପଦେ ଦୁଇପଦ କଥା ପରେ ପୁଣି କେଉଁ ଅତିନ୍ଦ୍ରିୟ ଭାବନା–ରାଜ୍ୟରେ ବୁଡ଼ିଯିବେ ପ୍ରଶାନ୍ତ; ଆଉ ଏଇ ଅସହ୍ୟ ନୀରବତା ଭିତରେ ଆଗ ଖାଇ ଉଠିଯିବ ମିତ୍ରା। ସବୁଦିନିଆ ରୁଟିନ୍ ଇଏ।

ହଠାତ୍ ମିତ୍ରାର ମନେହେଲା ଦୌଡ଼ିଯାଇ ପ୍ରଶାନ୍ତଙ୍କ କାନ୍ଧ ଦୁଇଟା ଜୋର୍‌ରେ ହଲାଇ ଦେଇ ପଚାରନ୍ତା, 'ତୁମେ ଏତେ ନୀରବ କାହିଁକି ପ୍ରଶାନ୍ତ? କ'ଣ ତୁଚ୍ଛା ନାଁଟାର ଗୌରବ ବଢ଼ାଇବା ପାଇଁ?' ତା'ପରେ ବିସ୍ମିତ ଓ ହତବାକ୍ ପ୍ରଶାନ୍ତଙ୍କୁ ବିମୂଢ଼ କରିଦେଇ ପୁଣି ସେ କହନ୍ତା, 'ତୁମର ଏଇ ନୀରବତାରୁ ମୁକ୍ତି ପାଇବା ପାଇଁ ମୁଁ ଆଜି ସରଳ ବିନୟକୁ ନିମନ୍ତ୍ରଣ କରିଛି। କେମିତି?'

ଆଃ, ଏତେ ବେଳ ପରେ ବିନୟକୁ ନିମନ୍ତ୍ରଣ କରିବାର ସଠିକ୍ କାରଣଟା ଧରିପାରିଛି ସଂଘମିତ୍ରା। ବିନୟ ବାସ୍ତବିକ୍ ମୁଖର; ବାଚାଳ କହିଲେ ଅତ୍ୟୁକ୍ତି ହେବ ନାହିଁ। ମିତ୍ରା ଜୀବନର ଏଇ ସୁପ୍ତ ଅଂଶଟାକୁ ସେଇ କେବଳ ଜାଗ୍ରତ କରିପାରିବ; କିନ୍ତୁ ବିନୟ କ'ଣ ବୁଝିବ ଏଇ କଥା? ଏତିକିରେ କ'ଣ ସେ ସନ୍ତୁଷ୍ଟ ହେବ? ସେ କ'ଣ ଭାବିବ? ଭାବିବ– ମିତ୍ରାର ତା' ପ୍ରତି ଦୁର୍ବଳତା ଅଛି। ହୁଏତ ଆହୁରି ଭାବିବ– ମିତ୍ରା ତା'ର ବର୍ତ୍ତମାନ ଜୀବନରେ ଅସନ୍ତୁଷ୍ଟ। ସେ ବିନୟକୁ ଚାହେଁ; ଚାହେଁ ବିନୟର...

ଆଉ ଆଗକୁ ଭାବି ହେଉ ନାହିଁ। ମୁଣ୍ଡ କ୍ରମେ ଭାରୀ ହୋଇଉଠୁଛି। ନିଜକୁ ଧିକ୍କାର କରୁଛି ମିତ୍ରା। କାଇଁକି ଗୋଟାଏ ଖିଆଲରେ ସେ ଏମିତି କଲା? ଯଦି ପ୍ରଶାନ୍ତ ତାକୁ ଭୁଲ ବୁଝନ୍ତି? କିନ୍ତୁ ଭୁଲ୍ ବୁଝିବାର କି ଅଧିକାର ଅଛି ପ୍ରଶାନ୍ତଙ୍କର? ସେ କ'ଣ କେବେ ମିତ୍ରା ହୃଦୟର ଖବର ରଖନ୍ତି? ମିତ୍ରାର ଖାଇବା, ପିନ୍ଧିବା, ରୋଗରେ ଔଷଧ– ଏତିକି କ'ଣ ଜଣେ ମଣିଷର ବଞ୍ଚିରହିବା ପାଇଁ ଯଥେଷ୍ଟ ନା! ସବୁରି ଭୁଲ ବୁଝାଇ ସମାଧାନ ସେ କରିବ ଆଜି।

> **ଯଦି ପ୍ରଶାନ୍ତ ତାକୁ ଭୁଲ ବୁଝନ୍ତି? କିନ୍ତୁ ଭୁଲ୍ ବୁଝିବାର କି ଅଧିକାର ଅଛି ପ୍ରଶାନ୍ତଙ୍କର? ସେ କ'ଣ କେବେ ମିତ୍ରା ହୃଦୟର ଖବର ରଖନ୍ତି? ମିତ୍ରାର ଖାଇବା, ପିନ୍ଧିବା, ରୋଗରେ ଔଷଧ– ଏତିକି କ'ଣ ଜଣେ ମଣିଷର ବଞ୍ଚିରହିବା ପାଇଁ ଯଥେଷ୍ଟ ନା! ସବୁରି ଭୁଲ ବୁଝାଇ ସମାଧାନ ସେ କରିବ ଆଜି।**

ଠିଆ ହୋଇପଡ଼ି ସୁଇଚ୍ ଟିପିଲା ମିତ୍ରା। ବାଲ୍‌ଲାଇଟ୍‌ର ଉଜ୍ଜ୍ୱଳ ଆଲୋକରେ ସର୍ବପ୍ରଥମେ ଆଖିରେ ପଡ଼ିଲା କାନ୍ଥରେ ଟଙ୍ଗା ହୋଇଥିବା ତା'ର ଓ ପ୍ରଶାନ୍ତଙ୍କର ଦୁଇଟା ବଡ଼ବଡ଼ ରଙ୍ଗିନ୍ ଫଟୋ। ପ୍ରଶାନ୍ତ ଓଠରେ ସେଇ ଶାନ୍ତ ମଧୁର ହସ, ପଚିଶ ବର୍ଷ ତଳର ଉଚ୍ଛଳ ଯୌବନ। ପ୍ରଶାନ୍ତ ଚକ୍ଷୁରେ ବୁଦ୍ଧିର ଅଦ୍ଭୁତ ଦୀପ୍ତି। ପ୍ରଶାନ୍ତ ସତେ କେଡ଼େ ସୁନ୍ଦର! ମୁହୂର୍ତ୍ତକ ତଳର ପ୍ରତିଜ୍ଞା ଧୀରେଧୀରେ କୋହଳ ହୋଇ ଆସୁଛି। ପୁଣି ନିଜକୁ ଦୃଢ଼ କଲା ମିତ୍ରା। ଲୁଗାପଟା ବଦଳାଇ ଓ ସାମାନ୍ୟ ପରିଷ୍କୃତ ହୋଇ ହଠାତ୍ ସେ ପଶିଗଲା ପ୍ରଶାନ୍ତର ଅଫିସ୍ ଘରକୁ।

ଘର ଭିତରେ ଆଉ କେହି ନାହିଁ। ଫାଇଲ କାମ ବୋଧହୁଏ ଶେଷ ହୋଇଯାଇଛି। ଏକ ଅପୂର୍ବ ଅଳସଭଙ୍ଗୀରେ ପ୍ରଶାନ୍ତ ଝୁଙ୍କିପଡ଼ିଛି ଗୋଟାଏ କ'ଣ ମୋଟା ଇଂରାଜୀ ବହି ଉପରେ। ମିତ୍ରାର ପ୍ରବେଶ ସେ ଜାଣିପାରିନାହିଁ। ହଠାତ୍ କାନ୍ଧ ଉପରେ ଏକ ମୃଦୁ ଚାପ ପାଇ ଫେରି ଚାହିଁଲା ପ୍ରଶାନ୍ତ। ମିତ୍ରା ଠିଆହୋଇଛି। ତା'ର ସାଧାରଣ ଗାମ୍ଭୀର୍ଯ୍ୟରେ ଆଉ କିଛି ଅଧିକ ଯୋଗ କରି ସାମାନ୍ୟ ଆଶ୍ଚର୍ଯ୍ୟ ହେଲା ପ୍ରଶାନ୍ତ। ତା'ପରେ ଏକ ଅଦ୍ଭୁତ ଉଲ୍ଲାସଭାବ ଫୁଟିଉଠିଲା ତା' ମୁହଁରେ। ନୀରବରେ ଲକ୍ଷ୍ୟ କରୁଥିଲା ମିତ୍ରା। ଧୀରେଧୀରେ ନିଜକୁ ଚଉକିରେ ସଜାଡ଼ି ନେଇ ମିତ୍ରାର ଅଣ୍ଟାରେ ହାତ ଗୁଡ଼ାଇ ପାଖକୁ ଟାଣିଆଣିଲା ପ୍ରଶାନ୍ତ। ଶିହରଣ ଖେଳିଗଲା ମିତ୍ରାର ସର୍ବାଙ୍ଗରେ। କେତେବେଳକେ ଉତ୍ତେଜନାଭଙ୍ଗା କଣ୍ଠରେ ପ୍ରଶାନ୍ତ ପଚାରିଲା, ''ତୁମେ କେମିତି ହଠାତ୍ ଇଆ ଭିତରକୁ ଚାଲିଆସିଲ? କ'ଣ ବାଟ ଭୁଲି?''

ଆଶ୍ଚର୍ଯ୍ୟ ହୋଇ ଚାହିଁରହିଲା ମିତ୍ରା। କ'ଣ କହିବାକୁ ଆସିଥିଲା; ସବୁ ଭୁଲିଗଲାଣି। କେବଳ ପଦଟିଏ କଥା ବାହାରିଲା ପାଟିରୁ– 'ମାନେ?'

ସାମ୍ନା ଟେବୁଲଟା ଉପରେ ଏକପ୍ରକାର ଜୋର୍ କରି ମିତ୍ରାକୁ ବସାଇ ଦେଇ ପ୍ରଶାନ୍ତ କହିଲା, ''ମାନେ, ମାନେ ତ ଖୁବ୍ ସହଜ। ପିଲାଛୁଆ, ସାଙ୍ଗସାଥୀଙ୍କ ଚର୍ଚ୍ଚା କରୁକରୁ ହତଭାଗା ସ୍ୱାମୀଟା ପ୍ରତି ଦୃଷ୍ଟି ଦେବାକୁ ମୁହୂର୍ତ୍ତକ ପାଇଁ ଯାହାଙ୍କର ଇଚ୍ଛା ବା ଅବସର ହୁଏ ନାହିଁ, ସେ ହଠାତ୍ ଏପରି କୃପାଦୃଷ୍ଟି ପକାଇବାଟା କ'ଣ ଆଶ୍ଚର୍ଯ୍ୟ ନୁହେଁ?'' ସ୍ୱର ବଦଳିଗଲା ପ୍ରଶାନ୍ତର। ମିତ୍ରାର ହାତ ଉପରେ ହାତ ରଖି ଆବିଷ୍ଟ ଭାବରେ ପ୍ରଶାନ୍ତ କହୁଛି, ''ସତରେ ମିତ୍ରୁ, ସବୁଦିନ ନୀରସ ଫାଇଲଗଦା ଭିତରେ ମୁହଁମାଡ଼ି ପଡ଼ିଥିଲାବେଳେ ମନେହୁଏ କୌଣସି ଏକ ଆଳରେ ତୁମେ ହଠାତ୍ ଘର ଭିତରକୁ ପଶିଆସନ୍ତ, ଆଉ ପଛଆଡୁ ତୁମର ସେଇ ସୁନ୍ଦର ମୁହଁଟାକୁ ମୋ' କାନ୍ଧ ଉପରେ ରଖି ପଚାରନ୍ତ..., କ'ଣ ପଚାରନ୍ତ?'' ପ୍ରଶାନ୍ତର ପାଟି ନୀରବ ହୋଇଯାଇଛି– କିନ୍ତୁ ତା'ର ମୁଗ୍ଧ ଆଖିରୁ ଝରି ଆସୁଛି ଅସରନ୍ତି ଭାଷାର ସ୍ରୋତ।

ମିତ୍ରା ଯେପରି ଏକ ଐନ୍ଦ୍ରଜାଳିକ ମାୟାରେ ପଡ଼ିଯାଇଛି। ଇଏ କ'ଣ? ପ୍ରଶାନ୍ତର ଏହି ରୂପ ତ ପଚିଶ ବର୍ଷ ଭିତରେ ସେ ଦିନେ ବି ଦେଖି ନ ଥିଲା! ତେବେ କ'ଣ ପ୍ରଶାନ୍ତ ବି ଆଶା କରି ରହିଥିଲା ମିତ୍ରା ତା' ଜୀବନରେ ଏକ କଳକଲ୍ଲୋଳ ସୃଷ୍ଟି କରୁ ବୋଲି? ବହୁ ସମୟ ପରେ ତନ୍ମୟତା କାଟି ଅପରାଧୀ ଭଳି ତଳକୁ ମୁହଁ ପୋତି ମିତ୍ରା କହିଲା– ''ଆଜି ସନ୍ଧ୍ୟାରେ ବିନୟକୁ ମୁଁ ଏଠାକୁ ଡାକୁଛି।''


ଏକ ପ୍ରାଣଖୋଲା ହସ ହସିଉଠିଲା ପ୍ରଶାନ୍ତ। ମିତ୍ରାର ମୁହଁଟାକୁ ଦୁଇ ହାତ ପାପୁଲି ଭିତରେ ଉପରକୁ ଟେକିଦେଇ କହିଲା, ''ତା'ହେଲେ–ତା'ହେଲେ ତ ଭଲ ଖାଇବାକୁ ମିଳିବ ଆଜି! ଚମତ୍କାର ସେଲିବ୍ରେସନ ଡେ।''

ଅଫିସ୍‌ଘରର ସୁନ୍ଦର ଟେକ୍ସଟାଇଲ ପର୍ଦ୍ଦାଟା ହଠାତ୍ କିଏ ଉଠାଇ ଦେଲା।



# ଅଂଶୁଘାତ

ସ୍ୱରୂପା ପ୍ରିୟଦର୍ଶିନୀ ସାମନ୍ତ



ଉତ୍କଟ ଦାରିଦ୍ର୍ୟକୁ ସୂଚାଉଥିବା ଛବିଟି, ମିଷ୍ଟର ଦାସଙ୍କର ପାଞ୍ଚ ହଜାର ଡଲାରରେ ବିକ୍ରିହେଲା । ନିଃସନ୍ଦେହ ସେ ଜଣେ ଅସାମାନ୍ୟ ଚିତ୍ରକର, କିନ୍ତୁ ଏଇଟି ତାଙ୍କର ଏକ ଅଦ୍ଭୁତ ସୃଷ୍ଟି । ଚିତ୍ରଟି ଏତେ ମାତ୍ରାରେ ଜୀବନ୍ତ ମନେହେଉଛି, ସେ ମଧ ଦ୍ୱନ୍ଦ୍ୱରେ ପଡୁଛନ୍ତି । ସତରେ କ'ଣ ଏହା ତାଙ୍କ କୃତି? ତାଙ୍କ ଆର୍ଟ ଗ୍ୟାଲେରିରେ ଭିଡ଼ ଜମାଇଥିବା ଦର୍ଶକଙ୍କ ପ୍ରଶଂସା କଥା ଛାଡ଼, ସେ ନିଜକୁ ମଧ ପ୍ରଶଂସା ନ କରି ରହି ପାରୁନାହାନ୍ତି। କେଉଁ ବିଶେଷ ମୁହୂର୍ତ୍ତରେ ଏ ଚିତ୍ରଟି ତାଙ୍କ ତୂଳୀରେ ଉତୁରି ଆସିଲା ସେ ଜାଣନ୍ତି ନାହିଁ । ଆତ୍ମସନ୍ତୋଷରେ ସେ ନିଜ ହାତ ପାପୁଲିକୁ ଚାହିଁଲେ । ଗର୍ବରେ ତାଙ୍କ ଛାତି ଫୁଲି ଉଠିଲା। ଚିତ୍ରଟି ଆଙ୍କିଲା ବେଳେ ସେ ଆଦୌ ଭାବି ନ ଥିଲେଯେ ଏଇଟି ତାଙ୍କର ଏକ ଅନବଦ୍ୟ କୃତି ହେବ । ଅବଶ୍ୟ ସେ କୌଣସି ଦିନ ପ୍ରଶଂସା ପିପାସୁ ନ ଥିଲେ। କିନ୍ତୁ ଆଜିର ଅନୁଭୂତି ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ସେ ନିଜ ପାପୁଲି ଦୁଇଟିକୁ ଚୁମିବାକୁ ଲାଗିଲେ ।

> **ଅର୍ଦ୍ଧଭଗ୍ନ କେତୋଟି ଘର, ଗୋଟିଏ ଥୁଣ୍ଟା ଗଛ । ଶସ୍ୟ ନ ଥିବା ଜମି । ଆଉ ସେ ଜମି ମଝିରେ ପ୍ରଚଣ୍ଡ ଖରାରେ ମୁଣ୍ଡରେ ହାତଦେଇ ବସିଛି, କଳା ମଚମଚ ଲୋକଟିଏ । ଲୋକଟିର ହାଡ଼ ଗଣିହେଉଛି। ବାସ୍ତବିକ ଚିତ୍ରଟିର ବିଶେଷତ୍ୱ ଅଛି...**

ଅର୍ଦ୍ଧଭଗ୍ନ କେତୋଟି ଘର, ଗୋଟିଏ ଥୁଣ୍ଟା ଗଛ । ଶସ୍ୟ ନ ଥିବା ଜମି । ଆଉ ସେ ଜମି ମଝିରେ ପ୍ରଚଣ୍ଡ ଖରାରେ ମୁଣ୍ଡରେ ହାତଦେଇ ବସିଛି, କଳା ମଚମଚ ଲୋକଟିଏ । ଲୋକଟିର ହାଡ଼ ଗଣିହେଉଛି। ବାସ୍ତବିକ ଚିତ୍ରଟିର ବିଶେଷତ୍ୱ ଅଛି। ଅସହାୟତା, ଯନ୍ତ୍ରଣା, ଦାରିଦ୍ର୍ୟ ଆଉ କାହାକୁ କୁହନ୍ତି କି!

ଏମିତି ବିରଳ ଛବିଟିଏ ସେ କେମିତି ଆଙ୍କିଲେ? ସୌଖୀନ ବେଶ ଆମେରିକାରେ ରହି ଏମିତି ଦୃଶ୍ୟ ସେ କେଉଁଠି ଦେଖିଲେ? ଅବଶ୍ୟ କଳା ସର୍ବଦା ସ୍ୱତଃସ୍ଫୂର୍ତ୍ତ। କିନ୍ତୁ ବାରମ୍ବାର ମନକୁ ଆସୁଛି ସେ ଲୋକଟିକୁ ଜାଣନ୍ତି । ସେ ନିରେଖି ଦେଖିଲେ, ଏ ତ ମହନି । ତାଙ୍କ ଗାଁର ଶେଷ ମୁଣ୍ଡରେ ମହନି ଚାଷୀର ଘର । ସେ ତ ମହନିକୁ ପ୍ରାୟ ତିରିଶ ବର୍ଷ ହେବ ଦେଖିନାହାନ୍ତି । ତେବେ... । ସେ ଅନ୍ୟମନସ୍କ ହେଲେ। ଦୁଇଦିନ ତଳେ ସେ ସୋସିଆଲ ମିଡିଆରେ ପଢିଥିଲେ ଓଡ଼ିଶାରେ ଅଂଶୁଘାତରେ ଏଗାର ମୃତ । ଯନ୍ତ୍ରବତ୍ ସେ ଫୋନ୍ ଉଠାଇଲେ । ଗାଁରେ ଦାଦାଙ୍କ ପୁଅ ରହୁଛି। ସେ ଫୋନ କଲେ। ଗାଁ କଥା ପଚାରିଲେ। ତାଙ୍କ ପିଲାବେଳର ଗାଁ କୁଆଡ଼େ ଆଉ ନାହିଁ । ଲୋକ, ପରିବେଶ, ପରିସ୍ଥିତି ସବୁ ବଦଳି ଯାଇଛି । ସେ ବ୍ୟଗ୍ରତାର ସହ ପଚାରି ପକାଇଲେ ଆଉ ମହନି ...। ଦାଦାଙ୍କ ପୁଅ ଦୀର୍ଘଶ୍ୱାସ ନେଇ କହିଲେ, ''ଗତ ସପ୍ତାହରେ ବିଲରେ କାମ କରୁଥିବା ସମୟରେ ଅଂଶୁଘାତରେ ତା'ର ମୃତ୍ୟୁ ହୋଇଛି।''

ତାଙ୍କ ଚିତ୍ରର ନାୟକ ଏବଂ ଅଜସ୍ର ଖ୍ୟାତି ଆଣି ଦେଇଥିବା ମଣିଷ ଆଉ ନାହିଁ । ମିଷ୍ଟର ଦାସ ମର୍ମାହତ ହେଲେ ଓଃ... ! ତାଙ୍କ ଚିତ୍ରର ବାସ୍ତବ ରୂପ କେତେ କରୁଣ !

# କ୍ଷୀର ନନା


– ରାକେଶ ପଣ୍ଡା

କ୍ଷୀର ନନା ସବୁଦିନ ପରି ପ୍ରତ୍ୟୁଷରୁ ହାତରେ ଫୁଲଚାଙ୍ଗୁଡ଼ି ଓ ପାଣି ଢାଳଟିଏ ଧରି ଗାଁ ଶେଷମୁଣ୍ଡରେ ଅବସ୍ଥିତ ରାମ ମନ୍ଦିରକୁ ଯାଉଥା'ନ୍ତି ପୂଜା କରିବାକୁ। ଉକ୍ତ ମନ୍ଦିରକୁ ଯିବା ରାସ୍ତାରେ ଏକ ମସ୍‌ଜିଦ ପଡ଼େ। ସେଦିନ ସକାଳେ କ୍ଷୀର ନନା ସେଇ ମସ୍‌ଜିଦର କାନ୍ଥକୁ ମୁଣ୍ଡ ଲଗାଇ ହାତଯୋଡ଼ି ମୁଣ୍ଡିଆଟେ ମାରିଲେ। ଠିକ୍ ସେତିକିବେଳେ କିଛି ଦୂରରେ ଥିବା ଗୋଟିଏ ଝାଟି/ମାଳ ନିକଟରେ ପ୍ରାତଃ ମଳତ୍ୟାଗ ନିମନ୍ତେ ଆସିଥିବା ନାଉଗାଁର ମଦନା ସାହୁ ତାହା ଦେଖି ଆଶ୍ଚର୍ଯ୍ୟ ହୋଇପଡ଼ିଲା। ନିଜ ଆଖିଦେଖା ଘଟଣାକୁ ସେ ନିଜେ ମଧ ବାସ୍ତବ ବୋଲି ଭାବି ପାରିଲାନି। ପରେ ଉକ୍ତ ଘଟଣା ସମ୍ବନ୍ଧରେ ସେ ତା'ର କିଛି ସାଙ୍ଗ ଓ ଗ୍ରାମବାସୀଙ୍କୁ ଆସି କହିଲା। ହେଲେ ମଦନା କଥାକୁ କେହି ଏତେ ସହଜରେ ବିଶ୍ୱାସ କରି ପାରିଲେନି।

ନାଉଗାଁ ଅଞ୍ଚଳରେ କ୍ଷୀରୋଦ ମିଶ୍ର ହେଉଛି ଏକ ଜଣାଶୁଣା ନାଁ। ଆଖପାଖ ପ୍ରାୟ ୩୦ ଖଣ୍ଡ ଗାଁରେ ଜଣେ ଭଲ ପଣ୍ଡିତ ଭାବରେ କ୍ଷୀର ନନା ଭାବରେ ସେ ଅତି ପରିଚିତ। ଲୋକମାନେ ତାଙ୍କୁ ଖୁବ୍ ସମ୍ମାନ ଦିଅନ୍ତି ଓ ଭାରି ମାନନ୍ତି ମଧ। ବଡ଼ବଡ଼ ହୋମ, ଯଜ୍ଞ, ପୂଜା, ଜ୍ୟୋତିଷ ଓ ବାସ୍ତୁକାର୍ଯ୍ୟ ଆଦିରେ ତାଙ୍କୁ ଖୋଜା ପଡ଼େ। ଉଭୟ ଶୁଭ ଓ ଅଶୁଭ କାର୍ଯ୍ୟରେ ତାଙ୍କର ମତାମତ ଲୋଡ଼ାଯାଏ।

ଦିନକର ଘଟଣା। କ୍ଷୀର ନନା ସବୁଦିନ ପରି ପ୍ରତ୍ୟୁଷରୁ ହାତରେ ଫୁଲଚାଙ୍ଗୁଡ଼ି ଓ ପାଣି ଢାଳଟିଏ ଧରି ଗାଁ ଶେଷମୁଣ୍ଡରେ ଅବସ୍ଥିତ ରାମ ମନ୍ଦିରକୁ ଯାଉଥା'ନ୍ତି ପୂଜା କରିବାକୁ। ଉକ୍ତ ମନ୍ଦିରକୁ ଯିବା ରାସ୍ତାରେ ଏକ ମସ୍‌ଜିଦ ପଡ଼େ। ସେଦିନ ସକାଳେ କ୍ଷୀର ନନା ସେଇ ମସ୍‌ଜିଦର କାନ୍ଥକୁ ମୁଣ୍ଡ ଲଗାଇ ହାତଯୋଡ଼ି ମୁଣ୍ଡିଆଟେ ମାରିଲେ। ଠିକ୍ ସେତିକିବେଳେ କିଛି ଦୂରରେ ଥିବା ଗୋଟିଏ ଝାଟି/ମାଳ ନିକଟରେ ପ୍ରାତଃ ମଳତ୍ୟାଗ ନିମନ୍ତେ ଆସିଥିବା ନାଉଗାଁର ମଦନା ସାହୁ ତାହା ଦେଖି ଆଶ୍ଚର୍ଯ୍ୟ ହୋଇପଡ଼ିଲା। ନିଜ ଆଖିଦେଖା ଘଟଣାକୁ ସେ ନିଜେ ମଧ ବାସ୍ତବ ବୋଲି ଭାବି ପାରିଲାନି। ପରେ ଉକ୍ତ ଘଟଣା ସମ୍ବନ୍ଧରେ ସେ ତା'ର କିଛି ସାଙ୍ଗ ଓ ଗ୍ରାମବାସୀଙ୍କୁ ଆସି କହିଲା। ହେଲେ ମଦନା କଥାକୁ କେହି ଏତେ ସହଜରେ ବିଶ୍ୱାସ କରି ପାରିଲେନି। କିନ୍ତୁ ମଦନା ଜୋର ଦେଇ ରାଣ ନିୟମ ପକେଇ କହିବାରୁ ତାଙ୍କ ମଧ୍ୟରୁ କେତେଜଣ ବିଶ୍ୱାସ କଲେ ଓ ପରୀକ୍ଷା କରିବା ନିମନ୍ତେ ପରଦିନ ସକାଳୁ ମସ୍‌ଜିଦ ନିକଟରେ ଥିବା ଝାଟି/ମାଳ ମଧ୍ୟରେ ଲୁଚିରହି ଦେଖିବା ପାଇଁ ଯୋଜନା କଲେ।

ପୂର୍ବ ଯୋଜନା ମୁତାବକ ବଡ଼ିଭୋରରୁ ଉଠି କ୍ଷୀର ନନାଙ୍କର ମନ୍ଦିର ଯିବା ସମୟ ପୂର୍ବରୁ ସେହି ରାସ୍ତାରେ ମଦନା ସହ ଆଠ ଦଶ ଜଣ ଗାଁଲୋକ ମସ୍‌ଜିଦ ନିକଟରେ ଥିବା ଝାଟି/ମାଳ ନିକଟରେ ଲୁଚି ରହିଲେ। ସବୁଦିନ ପରି ସେଦିନ ମଧ କ୍ଷୀର ନନା ବଡ଼ିସକାଳୁ ହାତରେ ଫୁଲଚାଙ୍ଗୁଡ଼ି ଓ ପାଣି ଢାଳଟିଏ ଧରି ମନ୍ଦିର ଅଭିମୁଖେ ବାହାରିଲେ। କିଛି ବାଟ ଅତିକ୍ରମ କଲା ପରେ ସେ ମନ୍ଦିର ଯିବା ରାସ୍ତାରେ ଥିବା ମସ୍‌ଜିଦ ନିକଟରେ ପହଞ୍ଚିଲେ ଓ ସେଠାରେ ମସ୍‌ଜିଦର କାନ୍ଥକୁ ମୁଣ୍ଡ ଲଗାଇ ହାତଯୋଡ଼ି ମୁଣ୍ଡିଆଟେ ମାରିଲେ। ତାହା ଦେଖି ଦୂରରେ ଲୁଚି ରହିଥିବା ଗ୍ରାମବାସୀ ଆଶ୍ଚର୍ଯ୍ୟ ହୋଇଗଲେ। ଏହି କଥା ଧୀରେଧୀରେ ସମଗ୍ର ଗାଁରେ ଚର୍ଚ୍ଚାର ବିଷୟ ପାଲଟିଗଲା। ଏହାପରେ କିଛି ଗ୍ରାମବାସୀ ଯାଇ କ୍ଷୀର ନନାଙ୍କ ବିରୋଧରେ ପଞ୍ଚାୟତ ଆଗରେ ଅଭିଯୋଗ କଲେ। ତାହା ଶୁଣି ସରପଞ୍ଚ ଏଥିରେ ଉତ୍‌କ୍ଷିପ୍ତ ହୋଇଗଲେ ଓ ୨୪ ଘଣ୍ଟା ମଧ୍ୟରେ ଗାଁରେ ପଞ୍ଚାୟତ ସଭା ଡକାଇଲେ। ଉକ୍ତ ସଭାରେ ଯୋଗଦେବା ପାଇଁ କ୍ଷୀର ନନାଙ୍କ ସହ ଗ୍ରାମର ସମସ୍ତ ସଦସ୍ୟ ଓ ଉକ୍ତ ପଞ୍ଚାୟତରେ ଥିବା ମୁରବି ଲୋକଙ୍କୁ ଡେଙ୍ଗୁରା ଦେଇ ଅବଗତ କରାଇ ଦିଆଗଲା।





ପଞ୍ଚାୟତର ଆଦେଶକ୍ରମେ ୨୪ ଘଣ୍ଟା ମଧ୍ୟରେ ସଭା କାର୍ଯ୍ୟ ଆରମ୍ଭ ହେଲା। ସଭା ଆରମ୍ଭରେ କ୍ଷୀର ନନାଙ୍କ ବିରୋଧରେ ଏକ ବିରାଟ ଅଭିଯୋଗ ଆସିଛି ବୋଲି ସୂଚନା ଦିଆଗଲା ଓ ତା'ର ବିଚାର ନିମନ୍ତେ ତାଙ୍କୁ ସଭାକୁ ଡକାଗଲା। ସେଠାରେ ତାଙ୍କୁ ପଚରାଗଲା, ଆପଣ ଜଣେ ହିନ୍ଦୁ ତଥା ନୈଷ୍ଠିକ ବ୍ରାହ୍ମଣ ହୋଇ ପୂଜା ତଥା ବ୍ରାହ୍ମଣର କର୍ମକର୍ମାଣି ଓ ବୃତ୍ତି ଅବଲମ୍ବନ କରି କେମିତି ଏକ ମସ୍‌ଜିଦର କାନ୍ଥରେ ନିଜର ମଥା ଲଗାଇ ମୁଣ୍ଡିଆ ମାରୁଛନ୍ତି? ଆପଣ ଏମିତି କରିବାର ୧୧ ଜଣ ପ୍ରତ୍ୟକ୍ଷଦର୍ଶୀ ଏହି ସଭାରେ ଉପସ୍ଥିତ ଅଛନ୍ତି। ପଞ୍ଚାୟତର ଆଦେଶକ୍ରମେ ସମସ୍ତ ପ୍ରତ୍ୟକ୍ଷଦର୍ଶୀ ଉକ୍ତ ଘଟଣା ସମ୍ପର୍କରେ ନିଜର ସାକ୍ଷ୍ୟ ପ୍ରଦାନ କଲେ। ଏହାପରେ ଉପସ୍ଥିତ ପଞ୍ଚାୟତର ସଦସ୍ୟମାନେ କ୍ଷୀର ନନାଙ୍କୁ କଡ଼ା ଭାଷାରେ ନିନ୍ଦା ଓ ଭର୍ତ୍ସନା କଲେ। ସେ ନିଜ ଗାଁ, ହିନ୍ଦୁଧର୍ମ ଓ ବ୍ରାହ୍ମଣ ଜାତି ପ୍ରତି ଏକ କଳଙ୍କ ବୋଲି ଅଭିହିତ କଲେ। କିନ୍ତୁ ଏଥିରେ ନିଜର କୌଣସି ପ୍ରତିକ୍ରିୟା ନରଖି ନୀରବଦ୍ରଷ୍ଟା ସାଜିଥିଲେ କ୍ଷୀର ନନା।

ଇତିମଧ୍ୟରେ ପଞ୍ଚାୟତରେ ଉକ୍ତ ଦୋଷର ବିଚାର କରାଯାଇ ଦଣ୍ଡସ୍ୱରୂପ କ୍ଷୀର ନନାଙ୍କୁ ମନ୍ଦିର ତଥା ସମଗ୍ର ପୂଜା ଏବଂ ବ୍ରାହ୍ମଣ କର୍ମକର୍ମାଣିରୁ ନିବୃତ୍ତ କରାଗଲା। ନିଜ ଜାତି ଓ କୁଟୁମ୍ବରୁ ବହିଷ୍କାର କରାଗଲା। ଏହା ସହ ଅନ୍ୟ ଗାଁର ମୁରବିମାନଙ୍କୁ ମଧ ଅନୁରୋଧ କରାଗଲା ଯେ କେହି କ୍ଷୀର ନନାଙ୍କୁ କୌଣସି ପୂଜାକାର୍ଯ୍ୟ ନିମନ୍ତେ ଡାକିବେ ନାହିଁ।

ପଞ୍ଚାୟତର ଉକ୍ତ ଦଣ୍ଡବିଧାନକୁ ଶୁଣିସାରିବା ପରେ କ୍ଷୀର ନନା ଧୈର୍ଯ୍ୟହରା ହୋଇପଡ଼ିଲେ। ଭାବିଲେ ମୋ' ଜାତି, କୁଟୁମ୍ବ ଓ ଏଇ କୌଳିକ ବୃତ୍ତିକୁ ଛାଡ଼ିଦେଲେ ମୁଁ ବଞ୍ଚିବି କେମିତି? ଅର୍ଥ ରୋଜଗାର କେଉଁଠୁ କରିବି? ମୋ' ପରିବାରର ଭରଣପୋଷଣ ହେବ କେମିତି? ସ୍ତ୍ରୀ, ଛୋଟଛୋଟ ପିଲା ଦି'ଟା ଓ ଏ ବୁଢ଼ା ବାପା, ମା'ଙ୍କୁ କେମିତି ପ୍ରତିପୋଷଣ କରିବି? କାହା ସହ ଓ କାହାକୁ ନେଇ ଏ ସମାଜରେ ଚଳିବି? ଏମିତିସବୁ କଥା ଭାବିଭାବି କ୍ଷୀର ନନା ଛୋଟ ପିଲାଙ୍କ ପରି କଇଁକଇଁ ହେଇ କାନ୍ଦି ଉଠିଲେ। ତାହା ଦେଖି ସଭାରେ ଉପସ୍ଥିତ ଜନତା ତଥା ଗ୍ରାମବାସୀଙ୍କ ମଧ୍ୟରୁ କିଛି ଲୋକ ନନାଙ୍କ ସପକ୍ଷରେ ସ୍ୱର ଉତ୍ତୋଳନ କଲେ ଓ କହିଲେ, କ୍ଷୀର ନନା ଜଣେ ଜ୍ଞାନୀ ଓ ପଣ୍ଡିତ। ହିନ୍ଦୁଶାସ୍ତ୍ର ତଥା ବେଦ ଉପରେ ତାଙ୍କର ଅଗାଧ ଜ୍ଞାନ ଓ ପାଣ୍ଡିତ୍ୟ ଅଛି। ତାଙ୍କୁ ଆମେ ସମସ୍ତେ ଭକ୍ତି ଓ ବିଶ୍ୱାସ କରୁ। ସେ ଏପରି କରିଥିବା ଆମମାନଙ୍କର ବିଶ୍ୱାସ ହେଉ ନାହିଁ। ଯଦିବି ସେ କେଉଁ ଏକ ପରିସ୍ଥିତିରେ ପଡ଼ି ତାହା କରିଥିବେ, ସେଥିଲାଗି ତାଙ୍କୁ ନିଜର କଥା ତଥା ପ୍ରତିକ୍ରିୟା ରଖିବା ପାଇଁ ସୁଯୋଗ ଦିଆଯାଉ।

ଗ୍ରାମବାସୀଙ୍କ ଅନୁରୋଧକ୍ରମେ ଉକ୍ତ ସଭାରେ ନନାଙ୍କୁ ନିଜର ପକ୍ଷ ରଖିବା ପାଇଁ ସୁଯୋଗ ଦିଆଗଲା। ନନା କହିଲେ, ଚଳିତବର୍ଷ ବୈଶାଖ ମାସରେ ଏକ ପୂଜା ସାରି ବିଳମ୍ବିତ ରାତିରେ ମୁଁ ଘରକୁ ଚାଲିଚାଲି ଫେରୁଥିଲି। ପାଖରେ ମୋର ଦାନରେ ମିଳିଥିବା କିଛି ରୁପାମୁଦ୍ରା, ଦକ୍ଷିଣା ଟଙ୍କା, ଲୁଗା ଓ ଗାମୁଛା ଆଦି ଥିଲା। ମୁଁ ଫେରିବା ବାଟରେ ଗ୍ରାମ ଶେଷମୁଣ୍ଡରେ ଥିବା ମସ୍‌ଜିଦ ନିକଟରେ କିଛି ଡକାୟତ ମୋତେ କାବୁ କରିନେଲେ ଓ ମୋ' ପାଖରେ ଥିବା ରୁପାମୁଦ୍ରା, ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀମାନ ଛଡ଼ାଛଡ଼ି କରିବାକୁ ଲାଗିଲେ। ମୁଁ ଏହାର ବିରୋଧ କରିବାରୁ ଡକାୟତମାନେ ଏକ ଧାରୁଆ ଅସ୍ତ୍ରରେ ମୋତେ ଆକ୍ରମଣ କରିବାକୁ ଲାଗିଲେ। ଭୟ, ଯନ୍ତ୍ରଣା ଓ ପ୍ରାଣ ବିକଳରେ ମୁଁ ଖାଲି ହେ ରାମ, ଶ୍ରୀରାମ, ପ୍ରଭୁ ରାମ... ମୋତେ ବଞ୍ଚାଅ, ମୋତେ ବଞ୍ଚାଅ କହି ଚିତ୍କାର କରିବାକୁ ଲାଗିଲି। ଅନେକ ଥର ରାମ ରାମ ଡାକିଲା ପରେ ହଠାତ୍ ଧଳା ବସ୍ତ୍ର ପରିଧାନ କରିଥିବା ଜଣେ ସୁନ୍ଦର ଉଜ୍ଜ୍ୱଳ ବ୍ୟକ୍ତି ସେଇ ମସ୍‌ଜିଦ ମଧ୍ୟରୁ ବାହାରି ଡକାୟତମାନଙ୍କ ସହ ଏକା ଲଢ଼ି ମୋତେ ସେମାନଙ୍କ କବଳରୁ ଉଦ୍ଧାର କଲେ। ମୋର ପ୍ରାଣ ରକ୍ଷା କଲେ। ଏହାପରେ ସେ ହଠାତ୍ ମସ୍‌ଜିଦ ଆଡ଼କୁ ଚାଲିଗଲେ ଓ କିଛିକ୍ଷଣ ମଧ୍ୟରେ କେଉଁ ଆଡ଼େ ଅନ୍ତର୍ଦ୍ଧାନ ହୋଇଗଲେ। ତାଙ୍କ ପଛେପଛେ ମୁଁ ଯାଇ ମସ୍‌ଜିଦ ନିକଟରେ ତାଙ୍କୁ ଅନେକ ଖୋଜିଲି। ହେଲେ କେଉଁଠାରେ ପାଇଲିନି।

ବିଭିନ୍ନ ଯୁଗରେ ଅନେକ ଅବତାର ନେଇ ମୋର ପ୍ରଭୁ ଶ୍ରୀରାମ କେତେକେତେ ପ୍ରାଣୀଙ୍କର ଜୀବନ ରକ୍ଷା କରିଛନ୍ତି, ସେମାନଙ୍କୁ ବିପଦରୁ ଉଦ୍ଧାର କରିଛନ୍ତି। ସେଦିନ ମୁଁ ପ୍ରାଣ ବିକଳରେ ତାଙ୍କୁ ଅନ୍ତରରୁ ଡାକିବାରୁ ସେ ସେଇଠାରୁ ହିଁ ବାହାରିଥିଲେ ଓ ମୋର ଜୀବନ ରକ୍ଷା କରିଥିଲେ। ମୋର ଦୃଢ଼ବିଶ୍ୱାସ, ସେ ସେଇ ମସ୍‌ଜିଦ ଭିତରେ ଅଛନ୍ତି। ତେଣୁ ସେହି ଘଟଣା ପରଠାରୁ ମୁଁ ପ୍ରତିଦିନ ପ୍ରଭାତ ଓ ସନ୍ଧ୍ୟା ସମୟରେ ମସ୍‌ଜିଦ କାନ୍ଥକୁ ମୁଣ୍ଡଲଗାଇ ମୋ' ପ୍ରଭୁ ଶ୍ରୀରାମଙ୍କୁ ହିଁ ପ୍ରଣାମ କରୁଛି।

ଆମ ଦେଶ ତଥା ଜାତିର ପିତା ମହାତ୍ମା ଗାନ୍ଧୀ ସର୍ବଦା ଗାଉଥିବା ତାଙ୍କର ଗୋଟିଏ ପ୍ରିୟ ଗୀତ 'ରଘୁପତି ରାଘବ ରାଜା ରାମ...' ମଧ୍ୟରେ ଥିବା ଏକ ଧାଡ଼ି 'ଈଶ୍ୱର ଆଲ୍ଲା ତେରୋ ନାମ' ମାଧ୍ୟମରେ ସମଗ୍ର ମାନବ ସମାଜକୁ ଈଶ୍ୱର ଏକ ତଥା ଅଭିନ୍ନ ବୋଲି ଏକ ବିରାଟ ଓ ମହାନ୍ ସନ୍ଦେଶ ଦେଇଥିଲେ। ଈଶ୍ୱର ଓ ଆଲ୍ଲା ହେଉଛି ତାଙ୍କର ନାଁ। ସେ ଅଦ୍ୱିତୀୟ। ଯିଏ ରାମ ସେ ରହିମ୍, ଯେ କୃଷ୍ଣ ସେ ହିଁ ଯିଶୁ। ସେ ମୋର ବିଶ୍ୱାସରେ ହିଁ ବାସ କରନ୍ତି। ତାଙ୍କର ସେଇ ସତ୍ତାକୁ ଅନୁଭବ ଓ ଉପଲବ୍ଧି କରିବାକୁ ସେତିକି ସମର୍ପିତ ଭାବନା, ପବିତ୍ର ମନ, ଦୃଢ଼ ବିଶ୍ୱାସ ସହିତ ନିଜକୁ ତାଙ୍କ ନିକଟରେ ସମ୍ପୂର୍ଣ୍ଣ ଉତ୍ସର୍ଗ କରିବା ଦରକାର। ଶାସ୍ତ୍ର କହେ, ଜଣେ ଯେଉଁ ଜାତି, ଧର୍ମ ଓ କୁଳରେ ଜନ୍ମ ନିଏ ସେ ତାକୁ ଭଲପାଇବ, ତାକୁ ନେଇ ଜୀବନଧାରଣ କରିବ ଓ ବଞ୍ଚିବ। ହେଲେ ତା' ସହ ଅନ୍ୟ ସମସ୍ତ ଧର୍ମ, ଜାତି ଓ ବର୍ଣ୍ଣକୁ ଶ୍ରଦ୍ଧା କରିବ ଏବଂ ସମ୍ମାନ ଦେବ। ହେ ମଞ୍ଚସ୍ଥ ସମ୍ମାନନୀୟ ସଭାପତି ଓ ସଦସ୍ୟ ବୃନ୍ଦ, ଆପଣମାନେ ମୋତେ ସିନା ମୋ' ଜାତି, ଧର୍ମ, କୁଟୁମ୍ବ ଓ ସର୍ବୋପରି ଏଇ ଗାଁରୁ ବାହାର କରିଦେବେ; ହେଲେ ମୋ' ମନ ଓ ଅନ୍ତରରେ ଥିବା ସେ ବିଶ୍ୱାସ, ଶ୍ରଦ୍ଧା ଓ ଭଲପାଇବାକୁ କ'ଣ କେବେ ମୋ'ଠାରୁ ଅଲଗା କରିପାରିବେ? ମୋ' ସହ ସେଦିନ ରାତ୍ରିରେ ଘଟିଥିବା ଦୁର୍ଘଟଣା ପରଠାରୁ ମୋର ଏକ ଅଦ୍ଭୁତ ଅନୁଭବ ଅନୁଭୂତ ହେଉଛି। ମୋତେ ଲାଗୁଛି ମୋ' ପ୍ରଭୁ ଶ୍ରୀରାମ ଯେମିତି ଖାଲି ମୁଁ ପୂଜା କରୁଥିବା ସେ ମନ୍ଦିର କି ମୁଣ୍ଡିଆ ମାରୁଥିବା ମସ୍‌ଜିଦରେ ନୁହେଁ, ଏଇଠି ଏଇ ସିମେଣ୍ଟ ଖୁଣ୍ଟ ଭିତରେ, ଏଇଠାରେ ଥିବା ପ୍ରତିଟି ବୃକ୍ଷ, ତରୁଲତା ଓ ଉପସ୍ଥିତ ଗ୍ରାମବାସୀଙ୍କଠାରେ ବିଦ୍ୟମାନ ଅଛନ୍ତି। ଆପଣମାନଙ୍କଠାରୁ ମୋ' ପାଇଁ ଏଇ କଠୋର ଦଣ୍ଡବିଧାନ କଥା ଶୁଣିସାରିବା ପରେ ମଧ ଆପଣମାନଙ୍କ ଉପରେ ମୋର ରାଗ କି ଘୃଣାଭାବ ଆସୁନି। କାହିଁକି ନା ମୁଁ ମୋ' ଶ୍ରୀରାମଙ୍କୁ ଆପଣମାନଙ୍କ ଭିତରେ ଦେଖିପାରୁଛି। ତାଙ୍କର ସତ୍ତାକୁ ଅନୁଭବ କରିପାରୁଛି।

ଯେଉଁଦିନ ଏ ମଣିଷ ମସ୍‌ଜିଦ ମଧ୍ୟରେ ଶ୍ରୀରାମଙ୍କୁ ଏବଂ ମନ୍ଦିର ମଧ୍ୟରେ ଆଲ୍ଲାଙ୍କ ସତ୍ତା ଅନୁଭବ କରିପାରିବ, ସେଦିନ ଏ ମର୍ତ୍ତ୍ୟଲୋକ ସ୍ୱର୍ଗପୁରରେ ପରିଣତ ହେବ।

– ବନ୍ଧାଲୋ, ଟାଙ୍ଗୀ, କଟକ




## ଗଳ୍ପ ଗଢ଼ା

**ଶ୍ରୀହରି ଧଳ**

**ଅ**ସୁରୁଣୀ ବୁଢ଼ୀ ଫରୁଆରୁ
ଖୋଜି ଆଣିଛି
ଜୀବନ ନାଟିକା
କଂଚନ ଗଛ ଆଖି ଲୁହ ।

କୋରଡ଼ରୁ
କଳିଜାର ମିଠାପଣ,
ଆଣିଛି
ନିରିମାଖି ତଅପୋଇରୁ
ଘରମଣି ଠିକଣା ।

ଏଥର
ଗଢ଼ିଲି ତ ଗଳ୍ପ,
କିଏ ଯାଚିଲା
ଦାନା ନ ଥିବା ପେଟ,
ମାଂସ ଫର୍ଦ୍ଦ ତଳୁ
ହୁତୁହୁତୁ ଦୃଶ୍ୟହୀନ ଦୁଃଖ ।

କିଏ ଯାଚିଲା
ଅବୋଲକରା
ବଶମ୍ବଦପଣ ।
ଗଳ୍ପ ଗଢ଼ିଲି ତ
ଦିଶିଲା ଭଙ୍ଗାଭଙ୍ଗା
ମୁହଁର ଛାଇ
ଆଖି ବାଂଫିରୁ
ସରି ଯାଇଥିବା
ସବୁତକ ସ୍ୱପ୍ନ ।

ଚିହ୍ନିଲି
ଗଳ୍ପ ଆଇନାରେ
ଗୋଟେ ଚିହ୍ନା ମୁହଁ,
କେମିତି ପାଲଟିଗଲି
ନିଜ ଗଳ୍ପର ନିଜେ-
ପରାସ୍ତ ନାୟକ ।

**- ତାଉଁତରା, କପାସି ଛକ,
ଚିତାଳୋ, ଯାଜପୁର**

## ସହିଦର କଥା

**ଜୟନ୍ତୀ ବିଶ୍ୱାଳ ବେହୁରିଆ**

**ଖ**ବର ସଂଗ୍ରହ କରି ଫେରିଆସିଛି
ମିଡିଆ, ଥମିଯାଇଛି କୋଳାହଳ
ସରିଯାଇଛି କ୍ୟାଣ୍ଡଲ ଯାତ୍ରା,
ଶୋକସଭା, ଡିବେଟ୍...
ସୋସିଆଲ ମିଡିଆ, ଖବରକାଗଜରୁ
ନିଅଣ୍ଟ ପଡ଼ିଲାଣି ଦୟା... ।।

ଗରମ କଡ଼େଇରେ
କେହି ଢାଳିସାରିଲାଣି ଥଣ୍ଡାପାଣି
କେତେବେଳେ...
ସେଦିନଠୁଁ ସେମିତି
ପଡ଼ିରହିଛି, କେତେ ହଳ
ଆଶ୍ଚର୍ଯ୍ୟ, ବିନିଦ୍ର ଆଖି
ନିସ୍ତବ୍ଧ ଓଠର ଭାଷା, ହାରିଯାଇଥିବା
ବର୍ତ୍ତମାନ ଓ ଭବିଷ୍ୟତ ।।

କେହି ଯାଇନାହାନ୍ତି ସୀମାକୁ
ଜଣେ ହେଲେ ମାଆକୁ
ମିଳିନି କାନ୍ଧ, କେହି ହେଲେ
ଶିଶୁଟିର ଅଙ୍ଗୁଳି ଧରି ଚଲେଇ ନାହାନ୍ତି
ମାତ୍ର ଦୁଇପାଦ...
ସାହସ କରି କହି ନାହାନ୍ତି କେହି
ଧସି ଯାଇଥିବା ନାରୀଟିର
ପାଦତଳର ମାଟି, ମୁଣ୍ଡ ଉପରର
ଆକାଶ ହେବେ...

ତା' ଭାତହାଣ୍ଡିର ମୁଠାଏ ଚାଉଳ
ଆଗାମୀ କାଲିର ସୋରାଏ ଆଲୁଅ
ତା' ଅଗଣାର
କେରାଏ କଅଁଳ ଦୂବ,
ମୁଠାଏ ହସ ହେବେ ବୋଲି ।।

ଏବେ ତା' ଚାଳରେ ଶୋଇଛି
ଗୋଟେ ଡମଣା...
ଅମଳ ହେବା ଆଗରୁ
ଧାନଗଦାରେ ଲାଗିଯାଇଛି ନିଆଁ ।।

**- କୃଷ୍ଣ ନଗର (ସମଲପୁର), ବାଲିଆ,
ବାଲେଶ୍ୱର**

## ଭୋକ

**ପବିତ୍ର ବ୍ରହ୍ମପୁତ୍ର ନାୟକ**

**ଭୋ**କ ଗୋଟେ
ପେଟ ଭିତରେ କାନ୍ଦୁଥିବା ଅବୋଧ ବାଳକ
ଯାହାକୁ ବୁଝେଇ ହୁଏନା
ପଚାଶ ପଇସାର ଲଲିପପ୍‌ରେ ।

ଯିଏ ଖରାବେଳେ
ନଈକୂଳରେ ବୁଲିପାରେନା,
ଯିଏ ଆମ୍ବତୋଟାରେ
ଧୂଳିର ପୃଥିବୀ ମନ ମତେ ଆଙ୍କି ପାରେନା ।
ଯିଏ ଦଉଡ଼ି ପାରେନା କଙ୍କି ପଛରେ
ନିଜକୁ ପତଙ୍ଗ କରି ।
ଯିଏ ଆଣ୍ଠୁଏ ପାଣିରେ ଭସେଇ ପାରେନା
କାଗଜ ଡଂଗା ।

ଭୋକ ଗୋଟେ
ପେଟ ଭିତରେ କାନ୍ଦୁଥିବା ଅବୋଧ ବାଳକ ।

ଯିଏ ମନ୍ଦିର, ମସ୍‌ଜିଦ ବୁଝେନା
ବୁଝେନା ଷ୍ଟେସନ ଅବା ଆମ୍ରପଲ୍ଲୀର ହାଟ,
ଟ୍ରାଫିକ୍ ଭିଡ଼, ବିଜନତା...

ଭୋକ ପକ୍ଷୀର ଥାଏ, ମଣିଷର ବି
ରାଜାଙ୍କର ଥାଏ, ଗାଈଆଳର ବି,
ପିମ୍ପୁଡ଼ିର ଥାଏ, ପତଙ୍ଗର ବି!

**- ରାଜନଗର, କେନ୍ଦ୍ରାପଡ଼ା**

## ରୂପାନ୍ତର

**ଜ୍ୟୋତ୍ସ୍ନାରାଣୀ ପଣ୍ଡା**

**ମା**ଆ ପେଟରୁ ବାହାରିବା ପରେ
କାହା ପାଇଁ ସୁନାନାକୀ ତ
କାହା ପାଇଁ ଭୂକୁଞ୍ଚନ ଝିଅ...

କେତେବେଳେ
ଆଦର ସୋହାଗରେ
ମନ ଭରିଗଲା ତ
କେତେବେଳେ
ବାପ ଭାଇର ଅଇଁଠା ଥାଳିରେ
ପୂରିଗଲା ପେଟ ।

ଶଁବାଲୁଆରୁ ପ୍ରଜାପତି ଭଳି
କ୍ରମେ ମୁଁ ରୂପାନ୍ତରିତ ହେଲି
କିଶୋରୀ, ଯୁବତୀ, ବଧୂ, ଗୃହିଣୀ
ରୂପାନ୍ତର ପରେ ରୂପାନ୍ତର...
ମୋ' ଅଜାଣତରେ
କେତେବେଳେ ଆସିଯାଇଛି
ମୋ' ଶେଷ ରୂପାନ୍ତର
ଯାହାକୁ ନାଁ ଦେଇଛି ଦୁନିଆ 'ବାର୍ଦ୍ଧକ୍ୟ' ।

**- ରାମହରି ନଗର-୨, ବ୍ରହ୍ମପୁର-୧**

## ରତ୍ନ ସିଂହାସନେ ବସିଛ ମଉନେ

**ସତ୍ୟବତୀ ଦାସ**

**ର**ତ୍ନ ସିଂହାସନେ ବସିଛ ମଉନେ
କାଳିଆ କମଳ ମୁଖ,
କଳା ଶିରୀମୁଖ ଦରଶନ କଲେ
ମିଳଇ ପରମ ସୁଖ ।।୦ ।।

ତୁମେ ଅନ୍ତର୍ଯାମୀ ବିଶ୍ୱ ଚିନ୍ତାମଣି
ସବୁରି ଅନ୍ତରେ ବାସ,
ମୋ' ଅନ୍ତର କଥା ନ ଜାଣିଲ ଯେବେ
ଜଣାଇବି କାହା ପାଶ ।
କଳ୍ପତରୁ ତଳେ ବସି ଗ୍ରୀଷ୍ମ କାଳେ
ଛାୟା ଯେବେ ନ ମିଳଇ,
ଜାହ୍ନବୀ ତଟରେ ବାସ କରି ଜଳ
ତୃଷାରେ ଯେବେ ନ ପାଇ ।
ତେବେ ସେ କାହାକୁ ନ କହି କର୍ମକୁ
ଦୋଷ ଦେଇ ସହେ ଦୁଃଖ ।।୧।।

ସେହିପରି ହରି ତୁମ ନାମ ଧରି
ମୁଁ ଯେବେ ହେବି ଅରକ୍ଷ,
ବିଜୟକେତନ କି କଥା କହିବ
ନୀଳାଚଳ ଉଚ୍ଚ ଶିଖ ?
ଦୀନବନ୍ଧୁ ବୋଲି ଆଉ କି ଜଗତେ
ରହିବ ତୁମର ଟେକ,
ଅରକ୍ଷରେ ଦୁଃଖ ଦେଲେ ପଦ୍ମମୁଖ
ପାଇବ କି କେବେ ସୁଖ,
ଅରକ୍ଷ ରକ୍ଷଣେ ଶଙ୍ଖ ଚକ୍ର ଗଦା
ଶ୍ରୀଭୁଜେ ଧରିଛ ଦେଖ ।।୨।।

(ଏବେ ବି ଓଡ଼ିଶାର ପୁରପଲ୍ଲୀରେ ଅଛନ୍ତି
ଏପରି ଜଣେଜଣେ ସୃଜନପ୍ରାଣ, ଯେଉଁମାନେ
ପ୍ରାଚୀନ-ରୀତିର ଭଜନ-ଜଣାଣ ଲେଖି ଓଡ଼ିଆ
ଭାଷାର ଅପରିସୀମ ସମ୍ଭାବନାକୁ ପରଖୁଛନ୍ତି,
ଗୃହିଣୀ-କବୀ ସତ୍ୟବତୀଙ୍କର ଏଇ ଜଣାଣଟି
ତା'ର ପ୍ରମାଣ...)

**- ଓ.ଟି.ଏମ୍. କଲୋନୀ, ଚୌଦ୍ୱାର, କଟକ**




# ମନ ଗହନରେ ଆଜି ବି ମହକୁଛି ମୋ' ପ୍ରଥମ ଲେଖାର ବାସ୍ନା...



ଚିନ୍ମୟୀ ପଣ୍ଡା

ପ୍ରଥମ ଦେଖା, ପ୍ରଥମ ପ୍ରେମ, ପ୍ରଥମ ବର୍ଷାର ସ୍ପର୍ଶ ଭଳି ଆହୁରି ଗୋଟିଏ ରୋମାଞ୍ଚଭରା ଅନୁଭୂତି ହେଉଛି ମୋ' ପ୍ରଥମ ଲେଖା ପ୍ରକାଶିତ ହେବା। ବର୍ଷ ବର୍ଷର ପୁରୁଣା କଥା। କିନ୍ତୁ ଆଜି ବି ମୋର ମନେ ଅଛି, ଗୋଟିଏ ଦୈନିକ ଖବରକାଗଜରେ ପ୍ରକାଶ ପାଇଥିଲା ମୋ ଲିଖିତ ଗପଟିଏ।

ମୁଁ ତ ଛୋଟ ବେଳୁ ଲେଖେ। କିନ୍ତୁ ସବୁ ସାଇତି ହୋଇ ରହେ ମୋର ଗୋଟିଏ ଡାଇରି ଭିତରେ। ଆଉ ମୋ' ହୃଦୟରେ। ମୁଁ ଭାବେ, ମୋ' ଲେଖା ପୁଣି କେହି କ'ଣ ପଢ଼ିବ? ଯେଯାଏଁ କିଛି ବିଷୟବସ୍ତୁ ମୋ' ହୃଦୟକୁ ଉଦ୍‌ବେଳିତ କରିନି, ସେ ଯାଏ ମୁଁ ଲେଖିପାରେନା। କିଛି ମୋ' ଜୀବନର ଅନୁଭୂତି, କିଛି ମୋ' ପାଖାପାଖି ଜଗତ ଓ ଜୀବନର ବସ୍ତାବିକ୍ ହେଉଛି ମୋ' ଗପର କଞ୍ଚାମାଲ୍। ଗୋଟିଏ କାହାଣୀ ମତେ ଖୁବ୍ ଭଲ ଲାଗିଥିଲା। ମୁଁ କିଛି ମାଗାଜିନ୍ ଓ ଦୈନିକ ଖବରକାଗଜର ସାହିତ୍ୟ ପୃଷ୍ଠା ପାଇଁ ତାକୁ ପଠେଇଥିଲି। ଏକେ ତ ମୋ' ପାରିବାରିକ ଇତିହାସରେ କେହି ସାହିତ୍ୟିକ ଥିବାର ଦୃଷ୍ଟାନ୍ତ ନାହିଁ। ପୁଣି ମୁଁ ରହୁଥିଲି ଏକ ଅଚିହ୍ନା ଛୋଟ ସହରରେ। ତେଣୁ ମୋ' ଲେଖା ଯେ ପ୍ରକାଶ ପାଇବ ମୁଁ ଭାବି ନ ଥିଲି।

କଳାରେ ଡିଗ୍ରୀ କରୁଥାଏ। ପଢ଼ାପଢ଼ିରେ ବ୍ୟସ୍ତ। କଲେଜର କମନ୍‌ରୁମ୍‌ରେ ସାଙ୍ଗ ସାଥୀଙ୍କ ସାଥିରେ ଖୁବ୍ ଜୋର୍ ହୋହାଲ୍ଲା ଚାଲିଥାଏ। ପିଅନ ଆସି ମତେ ଡାକିଲା। କହିଲା- ଆପଣ ଅଫିସ୍ ରୁମ୍‌କୁ ଯାଆନ୍ତୁ, ପ୍ରିନ୍ସିପାଲ ସାର୍ ଡାକୁଛନ୍ତି।

ପ୍ରିନ୍ସିପାଲ୍ ଡାକୁଥିବା କଥା ଶୁଣି ମୋ' ହାତଗୋଡ଼ ଥଣ୍ଡା। ଶର୍ମିଷ୍ଠାକୁ ଜାବୁଡ଼ି ଧରିଲି। କହିଲି, ଚାଲ ମୋ' ସାଥିରେ। ମୁଁ କିଛି କରିନି ତ! ଇ' ମା' ଏବେ ଘରକୁ ବି ଇନ୍‌ଫର୍ମ କରିବେ। ଘରେ କି ସିନ୍ ଚାଲିବ, ମୁଁ ତ କିଛି କରିନି; କହିକହି ଅଫିସ୍ ରୁମ୍‌ରେ ଶର୍ମିଷ୍ଠା ସାଥିରେ ପହଞ୍ଚିଥିଲି। (ଶର୍ମିଷ୍ଠା ମୋ' ବ୍ୟାଚ୍‌ମେଟ୍)

ପ୍ରିନ୍ସିପାଲ ସାର୍ ବ୍ୟସ୍ତ ଥିଲେ। ତାଙ୍କ ସାମ୍ନାରେ କେହି ଜଣେ ବସିଥିଲେ। ସେମାନଙ୍କ ଭିତରେ କିଛି ଆଲୋଚନା ଚାଲିଥାଏ। ମୁଁ ଗୋଟିଏ କୋଣରେ ପ୍ରାୟ ଥରୁଥାଏ। କିଛି ସମୟ ପରେ ସାର୍ ଆମକୁ ଦେଖି କହିଲେ, କିଏ? ଚିନ୍ମୟୀ! ମୁଁ କେବଳ ମୁଣ୍ଡ ହଲେଇ ହଁ କହି ପାରିଲି।

'ଆରେ ତୁ ଗପ ଲେଖୁ? ଭଲ କଥା। କେଉଠି ତୋ' ଗପ ବାହାରିଛି?'

ମୁଁ ଆହୁରି ଆଶ୍ଚର୍ଯ୍ୟ। 'ସାର୍ ମୁଁ ଜାଣିନି।'

'ଜାଣିନୁ ମାନେ?'

'ଏଇ ଦେଖ କେହି ଜଣେ ତୋ' ଲେଖା ପଢ଼ି ଚିଠିଟିଏ ଦେଇଛନ୍ତି।'

ଚିଠିଟିକୁ ହାତକୁ ବଢ଼ଉ ବଢ଼ଉ ବହୁତ ଉପଦେଶ ଦେଇଗଲେ ସାର୍। କିନ୍ତୁ ମୋ' କାନରେ କିଛି ପଶୁ ନଥାଏ। ହଠାତ୍ ମନର ଆଶଙ୍କା ସବୁ ଦୂର ହୋଇ ମନ ଖୁସି ହେଇଗଲା। ମୋ' ଲେଖା ବାହାରିଛି ଜାଣି ମତେ ଏତେ ଖୁସି ଲାଗିଲାଯେ, ଇଚ୍ଛା ହେଲା ଚିଲ୍ଲେଇ ଚିଲ୍ଲେଇ କହିଦେବି ସମସ୍ତଙ୍କୁ- ମୋ' ଗପ ପ୍ରକାଶିତ ହୋଇଛି। ସତରେ ସେ ନିଆରା ଅନୁଭବ ମତେ ଆଗକୁ ଲେଖିବା ଓ ଲେଖାକୁ ସାର୍ବଜନୀନ କରିବା ପାଇଁ ଶକ୍ତି ଯୋଗାଇଥିଲା।


ଏହା ପରେ ମୋର କିଛି ଲେଖା ପ୍ରକାଶିତ ହୋଇଛି। କିନ୍ତୁ ପ୍ରଥମ ଛପା ଲେଖାର ସେ ବାସ୍ନା ମୋ' ମନ ଗହନରେ ଆଜି ବି ମହମହ ମହକୁଛି।



## ପୁସ୍ତକ ପରିଚୟ

### କବିତା ସମଗ୍ର

**କବି: ଗୋପାଳକୃଷ୍ଣ ରଥ**
**ସମ୍ପାଦନା ଓ ପ୍ରକାଶ: ଡ. କିରଣବାଳା ରଥ, ସମ୍ବଲପୁର-୧**
**ପ୍ରଥମ ପ୍ରକାଶ: ୨୦୧୯, ମୂଲ୍ୟ: ଟ.୩୫୦/-**




'କବିତା ସମଗ୍ର'ରେ କବି ଗୋପାଳକୃଷ୍ଣ ରଥଙ୍କ ରଚିତ ଛ'ଟି କବିତା ସଂକଳନ ଏକତ୍ର ହୋଇଛି ଓ ଏହାର ସଂପାଦନା କରିଛନ୍ତି କବିପତ୍ନୀ ଡ. କିରଣବାଳା ରଥ। ସଂକଳିତ କବିତାଗ୍ରନ୍ଥଗୁଡ଼ିକ ହେଉଛି- 'ଏକ୍‌ଲା ମଣିଷ', 'କେତେ ଦୂର', 'କୁନିପୁଅ ଓ ନିଷ୍ପାପ ସକାଳ', 'ବିପୁଳ ଦିଗନ୍ତ', 'ବିହ୍ୱଳ ବେଳାଭୂମି' ଓ 'ଅରୁଣ ଉଦ୍‌ଭାସ'। ଗ୍ରଂଥାରମ୍ଭରେ କବି ରମାକାନ୍ତ ରଥ ଲେଖିଛନ୍ତି: ''ତାଙ୍କ କବିତାରେ ଜଣେ ସନ୍ନ୍ୟାସୀର ସ୍ୱର ଶୁଭେ।'' ସଂପାଦକୀୟରେ କିରଣବାଳା କହିଛନ୍ତି: ''ନିଜ ଭିତରର x x କଳନାଦିନୀ ଝରଣାଟି ଶୁଖିଶୁଖି ଆସୁଥିଲାବେଳେ ଯେଉଁ ସରୁ ଧାରଟିଏ ଭିତରେ ଭିତରେ ବହି ଚାଲୁଥିଲା, ସେଥିରୁ ଆଞ୍ଜୁଳାଏ ଆଞ୍ଜୁଳାଏ ଜଳ ତୃଷାର୍ତ୍ତଙ୍କୁ ବାଣ୍ଟିଦେବାରେ କବି ଥିଲେ ସିଦ୍ଧହସ୍ତ।'' ଗୋପାଳକୃଷ୍ଣଙ୍କର ଛ'ଟିଯାକ କବିତା ବହିର କବିତାଗୁଡ଼ିକୁ ମନଦେଇ ପଢ଼ିଲେ ଅନୁଭବ ହୁଏଯେ, ବ୍ୟକ୍ତି-ଜୀବନର ଅଭାବିତ ଦୁଃଖ ଓ କ୍ଷତକୁ ଅତି ସମର୍ଥ ଭାବେ ଶବ୍ଦରେ ସମାହିତ କରିପାରିବାର କଳା ହିଁ ହେଉଛି ଉତ୍ତୀର୍ଣ୍ଣ କବିତା। କବି ଗୋପାଳକୃଷ୍ଣଙ୍କୁ ଜଣାଥିଲାଯେ ନିଜ ପାଇଁ କାନ୍ଦିକାନ୍ଦି ସବୁ ଲୁହ ସାରିଦେଲେ ପର ପାଇଁ ଆଉ କାନ୍ଦି ପାରେନି କବି। କବି ଓ ସନ୍ନ୍ୟାସୀ ଏଇ ଦୃଷ୍ଟିରୁ ସମାର୍ଥବୋଧକ ତାଙ୍କ କବିତାରେ। ଗୋପାଳକୃଷ୍ଣଙ୍କ କବିତାର ଏହି ଉଦ୍ଧୃତିରୁ ଚିହ୍ନାଯାଉ ତାଙ୍କ କବିତାର ଇସ୍ତାହାର: ''ଆଉ କାହା ଦୁଃଖ ଗଛ ତଳେ ଠିଆ ହେବା ଇ ମୋର ଭାଗ୍ୟ,/ ଆଉ କାହା କ୍ଷୀଣ ତଟିନୀ ତଟରେ ବଂଶୀ ବଜାଇବା,/ଆଉ କାହା ଉଲ୍ଲାସ ବୀଣାର ଛିଣ୍ଡି ଯାଇଥିବା ତାରମାନଙ୍କୁ ଗୁନ୍ଥିବା,/ଆଉ କାହା ଆଗ୍ନେୟଗିରିର ମୁହଁରେ/ମୁଣ୍ଡ ପୋତି ଲୁହ ନିଗାଡ଼ିବା।'' (ଆଉ କାହା ଦୁଃଖ ଗଛ ତଳେ,''ଅରୁଣ ଉଦ୍‌ଭାସ'')। ଓଡ଼ିଆ କବିତାର ମରମୀ ପାଠିକାପାଠକଙ୍କ ପାଇଁ ଗ୍ରନ୍ଥଟିଯେ ଏକ ଅମୂଲ୍ୟ ପ୍ରାପ୍ତି, ଏଥିରେ ସନ୍ଦେହ ନାହିଁ।

### ଅତିକ୍ରମଣ


**ଲେଖିକା: ମମତା ଦାଶ**
**ପ୍ରକାଶକ: ଅରୋଜ୍ୟୋତି ଟ୍ରଷ୍ଟ, ଶ୍ରୀଅରବିନ୍ଦ ଧାମ, ପୁରୀ**
**ପ୍ରଥମ ପ୍ରକାଶ: ୨୦୧୮, ମୂଲ୍ୟ: ଟ. ୮୦/-**

'ଅତିକ୍ରମଣ'ର ଆରମ୍ଭରେ ଥିବା ''ମୋ' କଥା''ରେ ମମତା ଲେଖିଛନ୍ତିଯେ, ବହିଟି ହେଉଛି 'ନବଜ୍ୟୋତି' ପତ୍ରିକାରେ ସେ ଲେଖିଥିବା ପ୍ରବନ୍ଧଗୁଡ଼ିକର ସଂକଳନ। ମୋଟ ୯ଟି ପ୍ରବନ୍ଧରେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଯୋଗ ଓ ଦର୍ଶନର ବହୁ ଗୂଢ଼ତତ୍ତ୍ୱକୁ ଲେଖିକା ଅତି ବୋଧଗମ୍ୟ ଶୈଳୀରେ ବିଶ୍ଲେଷଣ କରିଛନ୍ତି। ବିଜ୍ଞାନ ଓ ଯୋଗ ସମନ୍ୱୟରେ ଶ୍ରୀଅରବିନ୍ଦ, ଅତିମାନସ ଚେତନାର ଲକ୍ଷଣ, ମା'ଙ୍କର ଅତୀନ୍ଦ୍ରିୟ ଦର୍ଶନ, ମୃତ୍ୟୁ ସମ୍ବନ୍ଧରେ, ଶରୀରର ଜୀବକୋଷରେ ଯୋଗ ଏବଂ କର୍ମଫଳ ଓ ମାନବ ନିୟତି ଆଦି ପ୍ରବନ୍ଧଗୁଡ଼ିକ ପାଠକଲେ ଲେଖିକାଙ୍କ ଗଭୀର ଅଧ୍ୟୟନ ଓ ମନନକୁ ପାଠକ ହୃଦ୍‌ଗତ କରିପାରେ। ବିଶେଷକରି ମା'ଙ୍କର 'ଏଜେଣ୍ଡା', ସତ୍‌ପ୍ରେମଙ୍କର 'Adventure of Consciousness' ଆଦି ଗ୍ରନ୍ଥ ସମ୍ପର୍କରେ ଲେଖିକାଙ୍କର ମନନ ତଥା ବୌଦ୍ଧଧର୍ମ, ଥିଓସଫି ଓ ତନ୍ତ୍ରାଦିର ଉଲ୍ଲେଖ ସହ ମା'ଙ୍କ ବର୍ଣ୍ଣିତ ଅଭିଜ୍ଞତାର ତୁଳନା ବହିଟିକୁ ଆଧ୍ୟାତ୍ମିକ ଜଗତରେ ଏକ କାଂକ୍ଷିତ ଉପାର୍ଜନ ସାବ୍ୟସ୍ତ କରିଛି।




### ମାୟା ମୁରୁଜ

**କବି: ହୃଦାନନ୍ଦ ପାଣିଗ୍ରାହୀ**
**ପ୍ରକାଶକ: ତ୍ୟାଗଭୂମି ପବ୍ଲିକେଶନ୍ସ, ଭଦ୍ରକ**
**ପ୍ରଥମ ପ୍ରକାଶ: ୨୦୧୮, ମୂଲ୍ୟ: ଟ. ୯୦/-**




ହୃଦାନନ୍ଦ କବି ଓ ଗୀତି-କବି, ଉଭୟ। ଆଲୋଚ୍ୟ ଗୀତି-କବିତାଗ୍ରନ୍ଥରେ ଯେତିକି ଗୀତ, ସେତିକି କବିତା। ପ୍ରକୃତି ଓ ଜୀବନ ଏ ଗୁଡ଼ିକର ପ୍ରାଣ। ଦୁଃଖର ଦର୍ପଣ ଦେଇ ଜୀବନର ଯେଉଁ ଗଭୀର ଛବି ପ୍ରତିଭାତ, ତା'ରି ରସପ୍ରାଣ ରୂପ ହେଉଛି ଗ୍ରନ୍ଥସ୍ଥ ପ୍ରତ୍ୟେକଟି ଗୀତି-କବିତା। କେତୋଟି ଅଭୁଲା ପଙ୍‌କ୍ତି ଏଠାରେ ଉଲ୍ଲେଖ କରାଯାଉଛି, ଯାହାକୁ ପଢ଼ି ପାଠକେ ବହିଟି ପ୍ରତି ଆଗ୍ରହୀ ହେବେ। ୧. ''ଅଂତରଢଳା ଭୋଦେଇ ବାଆର/ମନଜିଣା ସୁଉସୁଉ/ତାଆରି କରଜ ଶୁଝୁଁଶୁଝୁଁ ମୋର/ଜୀବନଟି ଚାଲିଯାଉ।'' (ଗାଁ ଧାନକ୍ଷେତ), ୨. ''ଯଉଁ ସର୍ବନାଶ ଘଟିଛି ଜୀବନେ/ପାରୁନି ଭିତରେ ଢାଙ୍କି/ଅକୁହା କଷଣ ଭୋଗିବା ଲୋକର/କାହିଁ ଜୀବନରେ ଶାଂତି।'' (ମୋ' ପରି ଦୁଃଖୀ), ୩. ''ଅଳସୀ ସଂଜର ବାଡ଼ି ଜହ୍ନିଫୁଲ/ଡାକୁଅଛି ହାତ ଠାରି/ରତରତ ବେଳ ବାଟ ହୁଡ଼ିଯାଏ/ଅଂଧାର ଆସେ ଘେରି।'' (ଅଳସୀ ସଂଜର ବାଡ଼ି ଜହ୍ନିଫୁଲ)। ଚାଷୀର ସରକାରୀ ବିହନ ଗଜା ମରୁଡ଼ିରେ ଯାଏ- ଏହି ଘଟଣାର ପ୍ରତ୍ୟକ୍ଷ ସାକ୍ଷୀ ବି ହୁଏ ହୃଦାନନ୍ଦଙ୍କ ଗୀତି-କବିତା। ତ୍ୟାଗଭୂମି ଭଦ୍ରକର ଭୂଗୋଳ ଓ ଇତିହାସ ତାଙ୍କ ଗୀତ ଭିତରୁ ଉଙ୍କି ମାରି ଚାହେଁ। ଓଡ଼ିଆ ଗୀତି-କବିତାର ବୁନିଆଦି 'ମାୟା ମୁରୁଜ'ରେ ଯେ ସମୃଦ୍ଧ, ଏଥିରେ ସନ୍ଦେହ ନାହିଁ।

### ଅନ୍ତରାଳେ


**ଲେଖିକା: ପାରମିତା ଷଡ଼ଙ୍ଗୀ**
**ପ୍ରକାଶକ: ବ୍ରହ୍ମପୁର ସାହିତ୍ୟ ପରିଷଦ, ବ୍ରହ୍ମପୁର-୪**
**ପ୍ରଥମ ପ୍ରକାଶ: ୨୦୧୮, ମୂଲ୍ୟ: ଟ.୧୦୦/-**




ଗ୍ରନ୍ଥର ପ୍ରଚ୍ଛଦଲେଖରେ କୁହାଯାଇଛି- ପାରମିତାଙ୍କ ଗଳ୍ପର ''ଚରିତ୍ର ସବୁ ସାମୟିକ କାଳଖଣ୍ଡକୁ ପ୍ରତିନିଧିତ୍ୱ କରୁଥା'ନ୍ତି। କାବ୍ୟମୟତା, ନାନ୍ଦନିକତା ଓ ସୌନ୍ଦର୍ଯ୍ୟବୋଧର ଉପସ୍ଥିତି ତାଙ୍କ ଗଳ୍ପକଳାର ବୈଶିଷ୍ଟ୍ୟ।'' ସଂକଳନରେ ସ୍ଥାନିତ ୧୦ଟି ଗଳ୍ପ, ଯାହା ଲେଖିକାଙ୍କ ସମ୍ପର୍କରେ କୁହାଯାଇଥିବା କଥାକୁ ନିରର୍ଥକ କରିବାର ଅବକାଶ ଦିଅନ୍ତି ନାହିଁ। 'ପଥର ପାଲଟି ଯାଉଥିବା ମଣିଷଗୁଡ଼ିକ', 'ବିସ୍ଥାପିତ ସମୟ', 'ଯଦୁଆ ମାଆ ପୋଖରୀ', 'ବର୍ଷା ଆଉ ମୁଁ' ଆଦି ଗପଗୁଡ଼ିକ ପଢ଼ିଲେ ପାଠକେ ନିଜ ସମୟ, ସମାଜ ଓ ସର୍ବୋପରି ନିଜକୁ ଭେଟିବାର ସୁଯୋଗ ପାଇବେ। ବହିଟି ନିଜ ସାମର୍ଥ୍ୟରେ ଲୋକପ୍ରିୟ ହେବ ବୋଲି ଆଶା।

### MAHATMA GANDHI
### A Journalist and Editor

**ସମ୍ପାଦନା: ଡ. ମୃଣାଳ ଚାଟାର୍ଜୀ/ସ୍ନେହାଶିଷ ସୂର**
**ପ୍ରକାଶକ: ପ୍ରେସ୍ କ୍ଲବ, କଲକାତା**
**ପ୍ରଥମ ପ୍ରକାଶ: ୨୦୧୮, ମୂଲ୍ୟ: ଟ.୨୦୦/-**




ମହାତ୍ମା ଗାନ୍ଧୀଙ୍କୁ ଜଣେ ଖବରଦାତା ଓ ସଂପାଦକ ଭାବେ ଦେଖିବାର ଶ୍ରଦ୍ଧା ନେଇ ମୃଣାଳ ଓ ସ୍ନେହାଶିଷ ବହିଟିକୁ ଅତି ଯତ୍ନରେ ସଂପାଦନା କରିଛନ୍ତି। ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଗାନ୍ଧୀ-ଅଧ୍ୟୟନ ଏହାକୁ ତଥ୍ୟପୂର୍ଣ୍ଣ କରିବା ସହିତ ଗାନ୍ଧୀ-ଜୀବନର ନିର୍ଦ୍ଦିଷ୍ଟ ଦିଗକୁ ବିଶ୍ୱସ୍ତ ଭାବେ ଆଲୋକିତ କରିଛି। forewordରେ କଲକାତା ପ୍ରେସ୍ କ୍ଲବର ସଂପାଦକ କିଂଶୁକ ପ୍ରମାଣିକ ଲେଖିଛନ୍ତି: ''this humble effort will look at Gandhiji as a journalist and editor in particular and as a communicater in general. It will also have a close look at his views on journalism and will attempt to analyse why and how most of his views are still relevant.'' ତୁଷାର ଅରୁଣ ଗାନ୍ଧୀ, ନିଖିଳ ଚକ୍ରବର୍ତ୍ତୀ, ଶୈଲେନ୍ ଚାଟାର୍ଜୀ ଓ ରାମଚନ୍ଦ୍ର ଗୁହଙ୍କ ଲିଖିତ ଲେଖା ବହିଟିକୁ ଗାନ୍ଧୀ-ସ୍ମୃତିରେ ଏପରି ଉଜ୍ଜ୍ୱଳ କରିଛିଯେ ଗାନ୍ଧୀଗ୍ରନ୍ଥ-ସାରଣୀରେ ଏହା ସଂଗ୍ରହଣୀୟ ହୋଇଉଠିଛି।